

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୩ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 DECEMBER 2021

Vol.No. 32 ■ No. 318 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

କେନ୍ଦ୍ରୀୟ ଟିମ୍‌ର 'ଜୱାଦ୍' କ୍ଷୟକ୍ଷତି ଆକଳନ

ନୂଆଦିଲ୍ଲୀ,୧୨/୧୨: ଧାନ ଫସଲ ଅମଳ ବେଳେ ବାତ୍ୟା 'ଜୱାଦ'ର ପ୍ରଭାବ ଦେଖିବା ପାଇଁ ଉପକୂଳ ଓଡ଼ିଶାରେ ପହଞ୍ଚିଥିବା କେନ୍ଦ୍ରୀୟ ଟିମକୁ ଆଜି ଚାଷୀ ମାନେ ବତୁରା ଧାନ ଦେଖାଇଛନ୍ତି । ପାଣିରେ ବୁଡ଼ି ରହିଥିବା ଧାନକୁ ଦେଖାଇ ସେମାନେ କହିଛନ୍ତି ତାଙ୍କର ପରିଶ୍ରମ ଓ ନିବେଶ ସବୁ ନଷ୍ଟ ହୋଇଯାଇଛି । ଆଜି ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଅଞ୍ଚଳରେ ଚାଷୀଙ୍କ ଦୁର୍ଦ୍ଦଶା ଦେଖିଛି ଏହି ଟିମ୍ । ଅସ୍ତରଙ୍ଗ ଓ କେନ୍ଦ୍ରାପଡାରେ ହାତରେ ବତୁରା ଧାନକୁ ଦେଖାଇ ଛିଡା ହୋଇଛନ୍ତି ଜୱାଦ ପ୍ରଭାବିତ ଚାଷୀ । ଆଉ ବିଲ ହୁଡାରେ ଥାଇ କେନ୍ଦ୍ରୀୟ ଟିମ ଦେଖିଛନ୍ତି ଉଜୁଡା ଚାଷର ଚିତ୍ର । ବର୍ଷା ଛାଡିବାର ଏକ ସପ୍ତାହ ପରେ କେମିତି ଉପକୂଳବର୍ତୀ ପୁରୀ, କେନ୍ଦ୍ରାପଡା ଓ ଜଗତସିଂହପୁର ସ୍ଥିତି ଅଛି ତାହା ଦେଖିଛନ୍ତି କେନ୍ଦ୍ରୀୟ ପ୍ରତିନିଧି ଦଳ, ଆଉ ତାଙ୍କ ଆଗରେ ନିଜର ଦୁଃଖ ଜଣାଇଛି ଚାଷୀ । ସବୁଠାରୁ ବଡକଥା ହେଲା, ଜୱାଦ ଯିବାର ସପ୍ତାହ ପରେ ମଧ୍ୟ ବିଲରେ ଜମି ରହିଛି ପାଣି । କିଛି ପାଇବା ଆଶାରେ ପାଣି ବିଲରୁ ଧାନ ଛାଣୁଛି ଚାଷୀ । ପରିସ୍ଥିତି ଏପରି ହୋଇଛି ବିଲ ମଝିରେ ବେଞ୍ଚ ପକାଇ ଧାନ ସୁଖାଉଛନ୍ତି ମହିଳା ଚାଷୀ । ଅସ୍ତରଙ୍ଗ ଖଣ୍ଡିସାହି ଗାଁର ଚାଷୀ ସୁଦାମ ଦଳେଇ ବ୍ୟାଙ୍କରୁ ୫୯ ହଜାର ଟଙ୍କା ଋଣ ଆଣି ମୋଟ ୬୦ ହଜାର ଟଙ୍କା ଖର୍ଚ କରି ଧାନ ଫସଲ କରିଥିଲେ । ହଳରେ ୧୫ ହଜାର. କାଦୁଅରେ ୫ ହଜାର, ସାରରେ ୧୦ ହଜାର ଆଉ ଦିନ ମୁଜରୀରେ ଖର୍ଚ ହୋଇଥିଲା ୨୦ ହଜାର ଟଙ୍କା । ସେହିପରି କୈଳାଶ ନାୟକ ନାମକ ଚାଷୀ ୩୦ ହଜାର ଟଙ୍କାର ଋଣ କରି ୨ ଏକର ଜମିରେ ଧାନ ଚାଷ କରିଥିଲେ କିନ୍ତୁ ଏବେ ବର୍ଷା ସବୁ ସାରିଦେଇଛି ।

ଏଣିକି ବ୍ୟାଙ୍କ ଦେବାଳିଆ ହେଲେ ଜମାକାରୀଙ୍କୁ ମିଳିବ ୫ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୧୨/୧୨: ଏଣିକି ବ୍ୟାଙ୍କ ବୁଡିଗଲେ କିମ୍ବା ଦେବାଳିଆ ହୋଇଗଲେ ଜମାକାରୀଙ୍କୁ ମିଳିବ ୫ ଲକ୍ଷ ଟଙ୍କା । ପୂର୍ବରୁ ହିତାଧିକାରୀଙ୍କ ଜମା ରାଶି ଉପରେ ଲକ୍ଷେ ଟଙ୍କାର ଗ୍ୟାରେଂଟି ଥିଲା । ଅର୍ଥାତ ୧ ଲକ୍ଷ ଟଙ୍କାରୁ ଅଧିକ ଜମା ଥିଲେ ଏବଂ କୌଣସି କାରଣରୁ ବ୍ୟାଙ୍କ ବୁଡିଗଲେ ଜମାକାରୀଙ୍କୁ କେବଳ ଲକ୍ଷେ ଟଙ୍କାର କ୍ଷତିପୂରଣ ଦିଆଯାଉଥିଲା । ହେଲେ ମୋଦୀ ସରକାର ଏହାକୁ ବଢାଇ ୫ ଲକ୍ଷ ଟଙ୍କା କରି ଦେଇଛନ୍ତି । ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରୁ ଏଥିପାଇଁ କେନ୍ଦ୍ରରେ କଂଗ୍ରେସ ସରକାରଙ୍କୁ ଅନୁରୋଧ କରିଆସୁଥିଲେ । ହେଲେ ମନମୋହନ ସରକାର ଏହାକୁ ଏଡାଇ ଦେଇଥିଲେ । ମୋଦୀ ପ୍ରଧାନମନ୍ତ୍ରୀ ହେବାପରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ । ଆଜି ଡିପୋଜିଟର୍ସ ଇନ୍ ବ୍ୟାଙ୍କ ଡିପୋଜିଟ ଇନ୍ସୁରାନ୍ସ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ କହିଛନ୍ତି ପୂର୍ବ ସରକାର ସମସ୍ୟାକୁ ଟାଳିଦେବାରେ ବିଶ୍ୱାସ କରୁଥିଲେ । ହେଲେ ନୂଆ ଭାରତରେ ସମସ୍ୟାକୁ ଟାଳିଦେବା ବଦଳରେ ଏହାର ସମାଧାନ ପାଇଁ ବାଟ ବାହାର କରିବାକୁ ଗୁରୁତ୍ୱ ଦିଆଯାଉଛି । ମବ୍ୟାଙ୍କ ଜମା ଉପରେ ୫ ଲକ୍ଷର ଗ୍ୟାରେଂଟି ସହ ୯୦ ଦିନର ସମୟ ସୀମା ଧାର୍ଯ୍ୟ କରାଯାଇଛି । ଅର୍ଥାତ ବ୍ୟାଙ୍କ ବୁଡିବାର ୯୦ ଦିନ ଭିତରେ ଜମାକାରୀଙ୍କୁ ସେମାନଙ୍କ ଜମା ବାବଦେରେ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବ । ସରକାରଙ୍କ ଏହି ପଦକ୍ଷେପ ଫଳରେ ଦେଶର ଲକ୍ଷ ଲକ୍ଷ ମଧ୍ୟବିତ ଓ ସ୍ୱଳ୍ପ ଜମାକାରୀଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଦାବି କରାଯାଇଛି ।

ଟର୍ଣ୍ଣାଡୋର ତାଣ୍ଡବ ଦେଖିଲା ଆମେରିକା ପ୍ରାଣ ହରାଇଲେ ଶହେରୁ ଅଧିକ

ନୂଆଦିଲ୍ଲୀ,୧୨/୧୨: ଝଡ ମୁହଁରେ ଆମେରିକା । ପ୍ରକୃତି ରଚିଲା ବିଭୀଷିକାର ତାଣ୍ଡବ । ଆମେରିକାର ୬ଟି ରାଜ୍ୟରେ ୩୦ଟି ଅଦିନିଆ ଟର୍ଣ୍ଣାଡୋ ଧ୍ୱଂସର ତାଣ୍ଡବ ରଚିଛି । ଅଟ୍ଟାଳିକାର ଧ୍ୱଂସସ୍ତୁପ ହିଁ ବୟାନ କରୁଛି, କେତେ ଭୟାନକ ଥିଲା ଘୂର୍ଣ୍ଣଝଡର ପ୍ରକୋପ । ପବନ ମାଡରେ ଭାଙ୍ଗିଯାଇଛି ବିଶାଳ ଗଛ, ଇଲେକ୍ଟ୍ରିପୋଲ ଉପୁଡି ଯାଇଛି, ତାସ ଘର ଭଳି ଭୁଶୁଡି ପଡିଛି କଂକ୍ରିଟ ଘର । ଟର୍ଣ୍ଣାଡୋ ଅର୍ଥାତ ଏହି ଘୂର୍ଣ୍ଣଝଡରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ଭଗ୍ନସ୍ତୁପ ତଳେ ଏବେ ବି ଅନେକ ଲୋକ ଫସିଥିବା ଆଶଙ୍କା ଥିବାରୁ ମୃତାହତ ସଂଖ୍ୟା ବଢିବା ସମ୍ଭାବନା ରହିଛି । ଅନ୍ୟପଟେ ବାଇଡେନ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାମ ଜାରି ରହିଛି । ଶୁକ୍ରବାର ରାତିରେ ଟର୍ଣ୍ଣାଡୋ ଆମେରିକାର ମିସିସିପି ଭ୍ୟାଲିରେ ବ୍ୟାପକ କ୍ଷୟକ୍ଷତି କରିଛି । ଆଉ ପ୍ରକୃତିର ଉଗ୍ରରୂପ ଆଗରେ ଅସହାୟ ହୋଇପଡିଛି ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର । ସ୍ଥାନୀୟ ବାସିନ୍ଦା କହିଛନ୍ତି ଆମେରିକା ପୂର୍ବରୁ ଏଭଳି ଘାତକ ଘୂର୍ଣ୍ଣଝଡ ଦେଖିନଥିଲା । ଅଦିନିଆ ଟର୍ଣ୍ଣାଡୋରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ▶▶ପୃଷ୍ଠା ୭

କଂଗ୍ରେସ ଭବନରେ ମାଡ ଘଟଣାର ହେଉ କାର୍ଯ୍ୟାନୁଷ୍ଠାନ : ବାହିନୀପତି

ଭୁବନେଶ୍ୱର, ୧୨/୧୨ (ନି.ପ୍ର): କମିଶନରେଟ ପୋଲିସ କଂଗ୍ରେସ ଭବନରେ ପଶି ମାଡ ମରା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଦାବି କରିଛନ୍ତି । ଏହି ମାମଲାରେ ଜାଂଚ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରା ଗଲେ କଂଗ୍ରେସ ଦଳ କମିଶନରେଟ ପୋଲିସ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସେ ଚେତାବନୀ ଦେଇଛନ୍ତି । ସେ ପୋଲିସ କମିଶନରଙ୍କୁ ▶▶ପୃଷ୍ଠା ୭

ଦରଦାମ୍ ବୃଦ୍ଧି ନେଇ କଂଗ୍ରେସର ବିରାଟ ରାଲି

ନୂଆଦିଲ୍ଲୀ,୧୨/୧୨: ରାଜସ୍ଥାନରେ କଂଗ୍ରେସର ବିରାଟ ରାଲି । ଲକ୍ଷାଧିକ ଲୋକଙ୍କୁ ନେଇ ମୋଦି ଯେମିତି ରାଲି କରନ୍ତି, ଠିକ ସେହି ଷ୍ଟାଇଲରେ ରାଲି କରିଛି କଂଗ୍ରେସ । କୁହାଯାଉଛି, ରାହୁଲ ଗାନ୍ଧିଙ୍କୁ ଏହି ବିରାଟ ରାଲି ଜରିଆରେ ପୁଣି ଥରେ କଂଗ୍ରେସର ନେତା ଭାବେ ପ୍ରୋଜେକ୍ଟ କରିଛି କଂଗ୍ରେସ । ଗୋଟିଏ ମଂଚରେ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଏକାଠି ହୋଇ କେନ୍ଦ୍ର ସରକାର ଉପରେ ଖୁବ ବର୍ଷିଛନ୍ତି । ହଜାର ହଜାର ସମର୍ଥକଙ୍କ ଗହଣରେ ଦରଦାମ ବୃଦ୍ଧିକୁ ନେଇ ରାଲିର ଆୟୋଜନ କରାଯାଇଥିଲେ ବି ରାହୁଲ ଗାନ୍ଧି 'ହିନ୍ଦୁତ୍ୱ'କୁ ନେଇ କେନ୍ଦ୍ର ଉପରେ ବର୍ଷିଥିଲେ । ସେ କହିଥିଲେ, ଭାରତ ହେଉଛି ହିନ୍ଦୁଙ୍କ ଦେଶ, କିନ୍ତୁ ହିନ୍ଦୁତ୍ୱବାଦୀଙ୍କ ଦେଶ ନୁହେଁ । ପ୍ରିୟଙ୍କା ଗାନ୍ଧି ବି କେନ୍ଦ୍ର ଉପରେ ଖୁବ ବର୍ଷିଥିଲେ । ସେ କହିଥିଲେ, ବିଜେପି ସରକାର କଂଗ୍ରେସର ୭୦ ବର୍ଷର ହିସାବ ନ ଦେଇ ୭ ବର୍ଷରେ କଣ କରିଛନ୍ତି ତାର ହିସାବ ଦିଅନ୍ତୁ । ସମସ୍ତଙ୍କ ପାଇଁ କିଛି ଲୋକଙ୍କ ପାଇଁ ନରେନ୍ଦ୍ର ମୋଦି କାମ କରୁଛନ୍ତି ବୋଲି କହିଥିଲେ ପ୍ରିୟଙ୍କା ଗାନ୍ଧି । ରାଜସ୍ଥାନରେ କଂଗ୍ରେସର ଏହି ରାଲିରେ ହଟ ସିଟରେ ବସିଥିଲେ ରାହୁଲ ଗାନ୍ଧି । ସଭାରେ ସୋନିଆ ଗାନ୍ଧି ଉପସ୍ଥିତ ଥିଲେ ବି ରାଲିରେ ରାହୁଲ ଓ ପ୍ରିୟଙ୍କାଙ୍କ ବଡ ବଡ ହୋର୍ଡିଂ ଦେଖିବାକୁ ମିଳିଥିଲା । ତେଣୁ ଚର୍ଚ୍ଚା ହେଉଛି, ରାହୁଲ ଗାନ୍ଧିଙ୍କୁ ପୁଣି ଥରେ କଂଗ୍ରେସ ସଭାପତି ଭାବେ ପ୍ରୋଜେକ୍ଟ କରିବା ପାଇଁ ଏହା ଥିଲା କଂଗ୍ରେସର ଶକ୍ତି ପ୍ରଦର୍ଶନ ।

ପଡ଼ୋଶୀ ଆନ୍ଧ୍ରରେ ପଶିଲା ଓମିକ୍ରନ୍

ନୂଆଦିଲ୍ଲୀ,୧୨/୧୨: ପଡ଼ୋଶୀ ରାଜ୍ୟରେ ପଶିଲା ଓମିକ୍ରନ୍ । ଆଜି ଆନ୍ଧ୍ରପ୍ରଦେଶରେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହେବା ପରେ ଓଡ଼ିଶାକୁ ଏହା ବ୍ୟାପିବା ନେଇ ଆଶଙ୍କା ଦେଖାଦେଇଛି । କେରଳରେ ମଧ୍ୟ ଆଜି ପ୍ରଥମ ଥର ପାଇଁ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିସହ ଚଣ୍ଡିଗଡ଼ ଓ ନାଗପୁର ସମେତ କର୍ଣ୍ଣାଟକରେ ପୁଣି ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଫଳରେ ଏହି ସଂଖ୍ୟା ଆମ ଦେଶରେ ୩୮କୁ ବୃଦ୍ଧି ପାଇଛି । ଓଡିଶାର ପଡ଼ୋଶୀ ଆନ୍ଧ୍ରକୁ ଡେଇଁଛି ଓମିକ୍ରନ । ଜଣେ ୩୪ ବର୍ଷୀୟ ବ୍ୟକ୍ତି, କରୋନାର ଏହି ନୂଆ ପ୍ରଜାତିର ଭୂତାଣୁରେ ଆକ୍ରାନ୍ତ ହୋଇଛନ୍ତି । ଆୟର୍ଲାଣ୍ଡରୁ ଫେରିଥିଲେ ଏହି ବ୍ୟକ୍ତି । ମୁମ୍ବାଇରେ ଆରଟିପିସିଆର ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିବା ପରେ ବିଶାଖପାଟନମ ଆସିଥିଲେ । ସେଠାରେ ଆଉ ଥରେ କୋଭିଡ ପରୀକ୍ଷା ହେବା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା । ଜିନୋମ ସିକ୍ୟୁଏନ୍ସିଂ ଦ୍ୱାରା ଜଣାପଡିଲା ଓମିକ୍ରନ ଭ୍ୟାରିଆଣ୍ଟରେ ସଂପୃକ୍ତ ବ୍ୟକ୍ତି ସଂକ୍ରମିତ । ହେଲେ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ତାଙ୍କ ପାଖରେ କରୋନାର କୌଣସି ଲକ୍ଷଣ ନଥିବା ସୂଚନା ମିଳିଛି । ସେପଟେ ଚଣ୍ଡିଗଡ଼ର ଜଣେ ୨୦ ବର୍ଷୀୟ ଯୁବକ ଓମିକ୍ରନ୍ ସଂକ୍ରମିତ ହୋଇଛନ୍ତି । ସେ ନଭେମ୍ବର ୨୨ ତାରିଖରେ ଇଟାଲୀରୁ ଫେରିଥିଲେ । ଯୁବକ ଜଣଙ୍କ ଫାଇଜରର ଦୁଇଟି ଡୋଜ୍ ନେଇଥିବା ଜଣାପଡିଛି । ସେହିପରି କର୍ଣ୍ଣାଟକର ଜଣେ ୩୪ ବର୍ଷୀୟ ବ୍ୟକ୍ତି ଓମିକ୍ରନରେ ଆକ୍ରାନ୍ତ ହୋଇଛନ୍ତି । ▶▶ପୃଷ୍ଠା ୭

ଝୁପିରେ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ବହୁମୁଖୀ ସମ୍ମିଳନୀ କକ୍ଷର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ଚନ୍ଦୌଲି, ୧୨/୧୨ (ନି.ପ୍ର): ଭାରତକୁ ସ୍କିଲ୍ କ୍ୟାପିଟାଲ କରିବା ଏବଂ ଯୁବକଙ୍କୁ ଉଦ୍ୟମୀ ତଥା ସେମାନଙ୍କୁ ରୋଜଗାର ସହ ଯୋଡ଼ିବା ଆମର ସର୍ବୋଚ୍ଚ ପ୍ରାଥମିକତାରେ ରହିଛି ବୋଲି ରବିବାର ଉତରପ୍ରଦେଶ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ନଗର-ଚନ୍ଦୌଲି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ବହୁମୁଖୀ ସମ୍ମିଳନୀ କକ୍ଷର ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂତନ ସମ୍ମିଳନୀ କକ୍ଷର ▶▶ପୃଷ୍ଠା ୭

ଭୁବନେଶ୍ୱରରୁ ଗିରଫ ହେଲା ଆନ୍ତଃରାଜ୍ୟ ଲୁଟେରା

ଭୁବନେଶ୍ୱର,୧୨/୧୨(ନି.ପ୍ର): ଓଡ଼ିଶାରେ ମଧ୍ୟପ୍ରଦେଶର ଚୋରା କାର । ଚୋରା କାର କାରବାରରେ ସମ୍ପୃକ୍ତ ଥିବା ଜଣେ ଆନ୍ତଃରାଜ୍ୟ ଲୁଟେରାକୁ ଗିରଫ କରିଛି କମିଶନରେଟ୍ ପୋଲିସ । ମଧ୍ୟପ୍ରଦେଶରେ ଗତ କିଛି ମାସ ଭିତରେ ଏକାଧିକ କାର ଚୋରୀ ହେବା ପରେ ମଧ୍ୟପ୍ରଦେଶ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ସେହି କାର ମଧ୍ୟରୁ କିଛି କାର ଭୁବନେଶ୍ୱରରେ ବିକ୍ରି ହୋଇଛି । ଏନେଇ ଅଧିକ ତଦନ୍ତ କରିବା ପାଇଁ ଭୁବନେଶ୍ୱର କମିଶନରେଟ୍ ପୋଲିସର ସାହାଯ୍ୟ ମାଗିଥିଲା ମଧ୍ୟପ୍ରଦେଶ ପୋଲିସ । ସେହି ଆଧାରରେ ଅବଦୁଲ୍ ସକୁର ଜନକବିର ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ । ଅବଦୁଲ୍ ନିକଟରୁ ୨ଟି ଚୋରା କାର ମଧ୍ୟ ଜବତ ହୋଇଛି । ଅଧିକା ତଦନ୍ତ ବେଳେ କମିଶନରେଟ୍ ▶▶ପୃଷ୍ଠା ୭

ଆର୍‌ବିଆଇ ଗଭର୍ଣ୍ଣରଙ୍କ ନକଲି ଜ୍ୱାଇଁ କହି ୨.୩୫ କୋଟି ଠକେଇ ମାମଲା : ମିଳିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ

ଭୁବନେଶ୍ୱର,୧୨/୧୨(ନି.ପ୍ର): ଆରବିଆଇ ଗଭର୍ଣ୍ଣରଙ୍କ ଜ୍ୱାଇଁ କହି ଲୋକଙ୍କ ଠାରୁ ଠକେଇ କରୁଥିବା ପ୍ରଜ୍ଞା ପ୍ରକାଶଙ୍କ ଘରେ ପୋଲିସର ରେଡ଼ । ଭୁବନେଶ୍ୱର ପଟିଆ ଅଂଚଳରେ ଥିବା ବିଷ୍ଣୁ ରେସିଡ଼େନ୍ସିରେ ପୋଲିସ ଚଢଉ କରିଛି । ୬ ଦିନିଆ ରିମାଣ୍ଡ ବେଳେ ହାଇପ୍ରୋଫାଇଲ ଠକ ପ୍ରଜ୍ଞା ପ୍ରକାଶ ନାୟକ ଠାରୁ କମିଶନରେଟ୍ ପୋଲିସକୁ ମିଳିଛି ଗୁରୁତ୍ୱପୁର୍ଣ୍ଣ ତଥ୍ୟ । ନିଜକୁ ବିଭିନ୍ନ କମ୍ପାନୀର ମାଲିକ ବୋଲି ଦର୍ଶାଇ ଶେୟା ବିକିବା ବାହାନାରେ ଜଣେ ବ୍ୟକ୍ତିଙ୍କ ଠାରୁ ୨କୋଟି ୩୫ ଲକ୍ଷ ୮୦ ହଜାର ଟଙ୍କା ଠକି ନେଇଥିଲା ପ୍ରଜ୍ଞା ପ୍ରକାଶ ନାୟକ । ଗତ ୪ ତାରିଖରେ ଲିଙ୍ଗରାଜ ଥାନା ପୋଲିସ ପ୍ରଜ୍ଞା ପ୍ରକାଶଙ୍କୁ ଗିରଫ କରିଥିଲା । ଏହି ଠକେଇ ମାମଲାରେ ପ୍ରଜ୍ଞା ସହ ଆହୁରି ଅନେକ ଲୋକ ସମ୍ପୃକ୍ତ ରହିଛନ୍ତି । ଏମାନଙ୍କ ନେଟୱର୍କ ଦେଶ ବାହାରକୁ ଲମ୍ବିଛି । ବଡ଼ ବଡ଼ ଲୋକଙ୍କୁ ଟାର୍ଗେଟ କରି ଠକେଇ କରୁଥିବା ଏହି ହାଇପ୍ରୋଫାଇଲ ଠକ ପୋଲିସ ହାତରେ ଧରାପଡ଼ିଥିଲା । ଆସନ୍ତାକାଲି ୬ ଦିନିଆ ରିମାଣ୍ଡ ଶେଷ ହେଉଥିବା ବେଳେ ପୋଲିସକୁ ଅନେକ ଗୁରୁତ୍ୱପୁର୍ଣ୍ଣ ତଥ୍ୟ ମିଳିଥିବା ସୂଚନା ମିଳିଛି । ଗଭର୍ଣ୍ଣରଙ୍କ ନକଲି ଜ୍ୱାଇଁ ପ୍ରଜ୍ଞାପ୍ରକାଶ ନାୟକକୁ ଚାଲିଛି ଘନଘନ ଜେରା । କିନ୍ତୁ ଧୂର୍ତ୍ତ ପ୍ରଜ୍ଞା ପୁଲିସକୁ ବିଭିନ୍ନ ବାହାନା ଦେଖାଇ ପାଣି ପିଆଉଛି । ଜେରାରୁ ବର୍ତ୍ତିବା ପାଇଁ ସେ ବହୁ ନାଟକ କରୁଥିବା ଜଣାପଡୁଛି । କେତେବେଳେ ପେଟ ଯନ୍ତ୍ରଣା କଥା କହୁଛି ତ, ଆଉ କେତବେଳେ ଛାତି ଯନ୍ତ୍ରଣା ହେଉଥିବା ନେଇ ବାହାନା କରୁଛି । କଞ୍ଚା ମିଛ କହି ପୁଲିସକୁ ଭୁଆଁ ବୁଲାଉଛି । ଅଭିଯୋଗକାରୀ ସୈକତ ତା'ଠାରୁ ଅଢ଼େଇ କୋଟି ଟଙ୍କା ଧାର୍ ନେଇଥିଲା ଓ ଫେରାଇଥିଲା ▶▶ପୃଷ୍ଠା ୭

ଡିଜିପିଙ୍କ ଉପସ୍ଥିତିରେ ମହିଳା ମାଓବାଦୀଙ୍କ ଆତ୍ମ ସମର୍ପଣ

ଭୁବନେଶ୍ୱର,୧୨/୧୨(ନି.ପ୍ର): ମହିଳା ମାଓବାଦୀଙ୍କ ଆତ୍ମ ସମର୍ପଣ । କୋରାପୁଟ ସୁନାବେଡ଼ା ଠାରେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଡ଼ିଜିପିଙ୍କ ଉପସ୍ଥିତିରେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏହି ମହିଳା ମାଓବାଦୀ ଜଣକ ହେଉଛନ୍ତି ଫୁଲବତୀ । ସେଣ୍ଡି ଓରଫ ଅରୁଣା । କେକେବିଏନ ଡ଼ିଭିଜନର ଖଡ଼ଗ ଏରିଆ କମିଟି ଏସିଏମ ର୍ଯ୍ୟାଙ୍କର ଥିଲେ ଅରୁଣା । ୨୦୦୮ରୁ ଲାଲବାହିନୀରେ ସାମିଲ ଥିଲେ । ଅନେକ ମାଓ ହିଂସାରେ ସମ୍ପୃକ୍ତ ଥିଲେ ଫୁଲବତୀ ଓରଫ ଅରୁଣା ଳମାଲକାନଗିରି ସ୍ୱାଭିମାନ ଅଂଚଳରେ ପୋଲିସ ଡ଼ିଜି ଅଭୟ । ପଣସପୁଟ ପଂଚାୟତର ଘନବେଡ଼ା ଠାରେ ସ୍ଥାପନ ହୋଇଥିବା ବିଏସଏଫ କ୍ୟାମ୍ପ ବୁଲି ଦେଖିଛନ୍ତି ପୋଲିସ ଡ଼ିଜି । ଡ଼ିଜିପିଙ୍କ ସହ ଗୁଇନ୍ଦା ଏଡ଼ିଜି ଲଳିତ ଦାସ, ଆଇଜି ଅପରେସନ୍ ଅମିତାଭ ଠାକୁର, ବିଏସଏଫ ଡ଼ିଆଇଜି ଓ ମାଲକାନଗିରି ଏସପି ଉପସ୍ଥିତ ଥିଲେ । ଯବାନଙ୍କ ସହ ମିଶି ମନ ବଳ ବୃଦ୍ଧି କରିବା ସହ ମାଓ ଦମନ ନେଇ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି ।

ଗଞ୍ଜାମ ପାଇଁ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଗଞ୍ଜାମ ଗସ୍ତରେ ଯାଇ ମା ତାରା ତାରିଣୀଙ୍କ ପବିତ୍ର ପୀଠରୁ ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ଼ ବଂଟନର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ସ୍ମାର୍ଟ ହେଲ୍‌ଥ କାର୍ଡ ସଂପର୍କରେ ଘୋଷଣା କରିଥିଲେ । ଏହାପରେ ଅଗଷ୍ଟ ୨୦ ତାରିଖରେ ସେ ମାଲକାନଗିରିରେ ପ୍ରଥମ କରି ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଉଦ୍ ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକଙ୍କୁ ଉତମ ଚିକିତ୍ସା ସୁବିଧା ଯୋଗାଇ ଦେବା ହେଉଛି ସରକାର ଙ୍କ ପ୍ରତିବଦ୍ଧତା । ଏବଂ ଏ ଦିଗରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ ରାଜ୍ୟ ବାସୀଙ୍କ ପାଇଁ ସରକାରଙ୍କର ଶ୍ରେଷ୍ଠ ଉପହାର ବୋ

ଓଡ଼ିଶାର ପ୍ରଥମ ଜିଲ୍ଲାଭାବେ ଭଦ୍ରକରେ ରାଜ୍ୟ ମାନବାଧିକାର ଆୟୋଗ ସଦସ୍ୟଙ୍କ ପ୍ରଥମ କ୍ୟାମ୍ପ

ଭଦ୍ରକ ,୧୨/୧୨ (ନି.ପ୍ର): ଡ଼ି.ଆର.ଡ଼ି.ଏ ସମ୍ମିଳନୀ କକ୍ଷରେ ରାଜ୍ୟ ମାନବାଧିକାର ଆୟୋଗ ସଦସ୍ୟ ଶ୍ରୀଯୁକ୍ତ ଅଶିମ୍ ଅମିତାଭ ଦାଶଙ୍କ କ୍ୟାମ୍ପକୋର୍ଟ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଏସ୍.ପି. ଚରଣସିଂ ମିନା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ନିର୍ଦ୍ଧାରିତ ମୋକଦ୍ଦମା ଗୁଡ଼ିକର ବିଚାର ଆରମ୍ଭ କରାଯାଇଥିଲା । ସାମାଜିକ ବାଛନ୍ଦ, ପାରିବାରିକ ଅତ୍ୟାଚାର, ଜମି ଜବରଦଖଲ, ରେଶନକାର୍ଡ଼ ନମିଳିବା, ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ଅଟକିବା, ବାର୍ଦ୍ଧକ୍ୟଭତା ମଞ୍ଜୁର ନହେବା, ଜବରଦଖଲ ଯୋଗୁଁ ଘରକୁ ରାସ୍ତା ବନ୍ଦ ହେବା ନେଇ ଅଭିଯୋଗ କ୍ରମେ ଶତ୍ରୁଙ୍କ ଆର୍କମଣରେ ଗୋଡ଼ ହାରାଇ ୨୦୧୫ ରୁ ଦିବ୍ୟାଙ୍ଗ ହେବା, ବ୍ୟବସାୟିକ ଦୋକାନ ଉଠାଯିବା ଆଦି ବିଭିନ୍ନ ମୋକଦ୍ଦମାର ଶୁଣାଣି କରିଥିଲେ। ସମୁଦାୟ ୫୧ଟି ମୋକଦ୍ଦମା ମଧ୍ୟରୁ ୨୬ଟିର ତତ୍‌କାଳ ସମାଧାନ କରାଯାଇଥିଲା । ଅପରାହ୍ନରେ ଭଦ୍ରକ ଓକିଲ ସଂଘର ସଭାପତି / ସଂପାଦକ ଓ ଅନ୍ୟ ସଦସ୍ୟଙ୍କ ସହିତ ସିଭିଲ୍ ସୋସାଇଟ୍‌ର ମନୋନୀତ ସଦସ୍ୟଭାବେ ଆସିଥିବା ଭଦ୍ରକର ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସଭାପତି ଓ କର୍ମକର୍ତ୍ତା ମାନଙ୍କ ସହ ଏକ ସୈଜନ୍ୟମୂଳକ ବୈଠକ ହୋଇଥିଲା । ସେମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବାକୁ ଯାଇ ମାନ୍ୟବର ସଦସ୍ୟ ପ୍ରକାଶ କରିଥିଲେ ଯେ ମାନବାଧିକାର ରକ୍ଷା କରିବାକୁ ଯାଇ ଅନ୍ୟର ଅଧିକାରକୁ ବିପନ୍ନ କରିବା ଅନୁଚିତ୍ । ଭଦ୍ରକରେ ସେଚ୍ଛାସେବୀ ସଂସ୍ଥା ଗୁଡ଼ିକର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହିତ ଭଦ୍ରକ ଜିଲ୍ଲାରେ ଓଡ଼ିଶା ମାନବାଧିକାର କମିସନଙ୍କ ପ୍ରଥମ କ୍ୟାମ୍ପକୋର୍ଟ ଆୟୋଜନ କରାଯାଇଛି ଏବଂ ଏହି କୋର୍ଟର ସଫଳତା ଅନ୍ୟ ଜିଲ୍ଲାମାନଙ୍କରେ ପରବର୍ତ୍ତୀ ପର୍ଯ୍ୟାୟରେ ଆୟୋଜନ କରାଯିବା ପାଇଁ ପ୍ରେରଣା ଦାୟକ ହେବବୋଲି କହିଥିଲେ । କୋର୍ଟକ୍ୟାମ୍ପ ଆୟୋଜନ ଫଳରେ ଲୋକେ ନ୍ୟାୟ ପାଇବା ପାଇଁ ଭୁବନେଶ୍ୱର ନ ଦୌଡ଼ି ନିଜ ଅଞ୍ଚଳରେଥାଇ ବିଚାର ପାଇପାରିବେ ଓ.ଏଚ୍.ଆର.ସି. ରେଜିଷ୍ଟ୍ରାର ଶଙ୍କ ଚକ୍ରବର୍ତ୍ତୀ ମାନ୍ୟବର ସଦସ୍ୟଙ୍କ ଶୁଣାଣିରେ ସହଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଅତିରିକ୍ତ ଏସ.ପି. ବି.କେରକେଟା, ଡ଼େପୁଟି କଲେକ୍ଟର ଜୁଡ଼ିସିଆଲ କସ୍ତୁରିବାଳା ଜେନା ପ୍ରମୁଖଙ୍କ ସହ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗିୟ ଅଧିକାରୀ ଓ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଆବଶ୍ୟକ ମତେ ଉତ୍ତର ରଖିଥିଲେ । ସର୍ବାଧିକ ମୋକଦ୍ଦମା ପୋଲିସ୍ ବିଭାଗ ସମ୍ବନ୍ଧୀୟ ଥିଲା ।

ଲଳିତ ନାୟକ ସ୍ମୃତି ସପ୍ତାହ ପାଳନ ପାଇଁ ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର,୧୨/୧୨ (ନି.ପ୍ର): ଲଳିତ ନାୟକ ସ୍ମୃତି କମିଟି ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ସଭାପତି ପ୍ରଭାସ କୁମାର ପାଣିଗ୍ରାହୀ । ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ ସଂପାଦକ ପ୍ରଭାକର ମିଶ୍ର । ଲଳିତ ନାୟକଙ୍କର ସ୍ମୃତି ଉଦ୍ଦେଶ୍ୟରେ ଜନ୍ମ ଦିନ ଜାନୁୟାରୀ ୧୧ ତାରିଖରୁ ତିରୋଧାନ ଦିବସ ଜାନୁୟାରୀ ୧୮ ତାରିଖ ପର୍ଯ୍ୟନ୍ତ ଲଳିତ ନାୟକ ସ୍ମୃତି ସପ୍ତାହ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥି ପାଇଁ ୧୧ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମେଗା ବ୍ଲଡ ଡୋନେସନ କ୍ୟାମ୍ପ, ଡାକ୍ତରଖାନା ତଥା ଆଶ୍ରମ ଗୁଡିକରେ ରନ୍ଧାଖାଦ୍ୟ ବଂଟନ, ରାତ୍ରି ସମୟରେ ଶିତବସ୍ତ୍ର ଯଥା କମ୍ବଳ ବଂଟନ କରାଯିବ । ଏତଦ୍ ବ୍ୟତି ଉକ୍ତ ଦିନ ମାନଙ୍କରେ ସର୍ବ ଭାରତୀୟ ଲଳିତ ନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ । ଜିଲ୍ଲାର ବିଭିନ୍ନ ସଂଘ, ସାମ୍ବାଦିକ ସଂଘ, ଜିଲ୍ଲା ପ୍ରଶାସନ ଇତ୍ୟାଦି ଏକାଦଶଙ୍କ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ଟୁର୍ଣ୍ଣାମେଂଟ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ୧୮ ତାରିଖ ଦିନ କେବିକେ ଆଇଟିଆଇ ରେ ଲଳିତ ନାୟକଙ୍କର ପ୍ରତିମୁର୍ତ୍ତୀ ଉନ୍ମୋଚନ କରା?ିବ ଓ ଏକ ସଭା ଆୟୋଜନ କରାଯିବ । ଉଚ୍ଚ ବିଦ୍ୟାଳୟ, ଯୁକ୍ତ ଦୁଇ, ଯୁକ୍ତ ତିନି ତଥା ବିଶ୍ୱ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀମାନଙ୍କ ନେଇ ବକ୍ତୃତା ପ୍ରତିଯୋଗିତା କରାଯିବ । ଲଳିତ ନାୟକ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶ କରାଯିବା ପାଇଁ ଏକ କମିଟି ଗଠନ କରାଯାଇଛି । ଏଥିରେ ଅଧ୍ୟକ୍ଷ ପଦ୍ମଚରଣ ଆଚାର୍ଯ୍ୟ, ସଦସ୍ୟମାନେ ଅରବିନ୍ଦ ଦାସ, ସତ୍ୟ ସୁନ୍ଦର ଭଞ୍ଜ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ବିରେନ୍ଦ୍ର ଝାଙ୍କର ଓ ଭବାନୀ ଶଙ୍କର ଶତପଥୀ । ଆଜିର ଆଲୋଚନାରେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଡ. ଶ୍ରୀକର ମିଶ୍ର, ରତନ ମହାରଣା, ସୋମନାଥ ମିଶ୍ର, ଜ୍ୟୋତି ରଂଜନ ନାଗ, ପ୍ରତାପ ରଥ, ବିଧୁଭୂଷଣ ତ୍ରିପାଠି, ଅରୁଣ କୁମାର ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଳ, ହରିନାରାୟଣ ପୁଝାରି, ବାସୁଦେବ ମେହେର, ବିଶ୍ୱଜିତ ଦାଶ, କିଶୋର କୁମାର ରଥ, ଅମୁଲ୍ୟ ସେଠ, ସଂଜିବ କୁମାର ସାହୁ, ସନ୍ତୋସିନୀ ବେହେରା, ସରୀତା ଦାସ, ମମତାରାଣୀ ଜେନା, ଶିବ ପ୍ରସାଦ ବେହେରା, ଅଙ୍କୁଶ ପାଣ୍ଡିଆ, ଜୟରାମ ମିଶ୍ର, ଅଫତାବ୍ ଆଲମ ଖାନ, ବ୍ରଜ ଗୋପାଳ ସିଂ, ବିବେକା ଭୋଇ, ପର୍ଶୁରାମ ନାୟକ, ବିଭାସ ଚନ୍ଦ୍ର ଘଡେଇ, ଲମ୍ବୋଦର ସାଏ, ଶୋଭନ କୁମାର ଅଗ୍ରୱାଲ, ଜିତେନ୍ଦ୍ର ସ୍ୱାଇଁ, ସୌମ୍ୟ ରଂଜନ ପଣ୍ଡା, ପ୍ରିୟଙ୍କା ପଟ୍ଟନାୟକ, ସୁଶ୍ରିତା ଠାକୁର, ଜ୍ୟୋତି ରଂଜନ ନାୟକ (ଅଧ୍ୟକ୍ଷ), ଅମନ ନାଗ, ହୁସେନ ନାଗ, ପ୍ରମୋଦ ବାରିକ, ସାହିଲ ସିଂ ଗଡତ୍ୟା ପ୍ରମୁଖ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଶ୍ରୀକର ମିଶ୍ର ।

ତୁରନ୍ତ ମଣ୍ଡି ଖୋଲିବା ପାଇଁ କଂଗ୍ରେସର ଦାବି

ମାଲକାନଗିରି ,୧୨/୧୨ (ନି.ପ୍ର): ଧାନ ବିକିବାକୁ ଚାହିଁ ରହିଛନ୍ତି ଚାଷୀ । ଲ୍ୟାମ୍ପ କର୍ମକର୍ତ୍ତାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ମଣ୍ଡି ନେଇ ଅନିଶ୍ଚିତତା ଦେଖାଦେଇଛି । ଏପରି ସ୍ଥଳେ, ଆସନ୍ତା ୧୫ ତାରିଖ ମଧ୍ୟରେ ମଣ୍ଡି ନଖୋଲିଲେ ୧୬ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯିବା ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ନିଷ୍ପତି ନିଆଯାଇଛି । ଦଳର ଏକ ବୈଠକରେ ଏହା ସ୍ଥିର କରାଯାଇଛି । ୧୫ ତାରିଖରୁ ମଣ୍ଡି ଖୋଲିବାକୁ ବ୍ୟବସ୍ଥା କରାଯାଉଥିବା ଜିଲ୍ଲା ଯୋଗଣ ଅଧିକାରୀ କହିଛନ୍ତି । ଜିଲ୍ଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ବୈଠକ ହୋଇଥିଲା । ଶତାଧିକ କର୍ମୀ ଓ ନେତା ଏଥିରେ ସାମିଲ୍ ହୋଇଥିଲେ । ପରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଦଳୀୟ ଭବନରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ବୀରସେନ ପ୍ରଧାନ, ଜିଲ୍ଲାଯୋଗାଣ ଅଧିକାରୀ ଅଜୟ କୁମାର ରଥଙ୍କୁ ଭେଟି ସମସ୍ୟା ଜଣାଇବା ସହ ଦାବିପତ୍ର ଦେଇଥିଲେ । ଏଥି ସହ ତୁରନ୍ତ ଜିଲ୍ଲାରେ ମଣ୍ଡି ଖୋଲିବାକୁ ଦାବି କରିଥିଲେ ।

କେନ୍ଦୁଝରସ୍ଥିତ ନବ ନିର୍ମିତ ହ୍ୟାଣ୍ଡବଲ ଷ୍ଟାଡିୟମରେ ପ୍ରଥମ ପ୍ରଦର୍ଶନୀ ମ୍ୟାଚ୍

କେନ୍ଦୁଝର,୧୨/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ନବ ନିର୍ମିତ ସିନ୍ଥେଟିକ ହ୍ୟାଣ୍ଡବଲ ଷ୍ଟାଡିୟମରେ ପ୍ରଥମ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦୁଝର ମହିଳା ଏ' ଓ ବି' ଏବଂ ପୁରୁଷ ଏ' ଓ ବି' ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ଚିତାକର୍ଷକ ମ୍ୟାଚ ନବ ନିର୍ମିତ ସିନ୍ଥେଟିକ କୋର୍ଟରେ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଖେଳାଳୀ ଓ ଖେଳପ୍ରେମୀ ମାନଙ୍କୁ ଉଦବୋଧନ ଦେବା ଅବସରରେ କହିଥିଲେ ଯେ, ଏହି ଅତ୍ୟାଧୁନିକ ହ୍ୟାଣ୍ଡବଲ ଷ୍ଟାଡିୟମ ପ୍ରତିଷ୍ଠା ଫଳରେ ଖେଳାଳୀ ଓ ଖେଳପ୍ରେମୀ ମାନଙ୍କର ବହୁ ଦିନର ସ୍ୱପ୍ନ ପୁରଣ ହୋଇଛି । ଏଠାରେ ଆନ୍ତର୍ଜାତୀୟ ମାନର ସିନ୍ଥେଟିକ ହ୍ୟାଣ୍ଡବଲ କୋର୍ଟର ବ୍ୟବସ୍ଥା କରାଯାଇଛି । ଯାହାକି ରାଜ୍ୟର ପ୍ରଥମ । ଏବଂ ଏହା ଖେଳାଳୀ ମାନଙ୍କୁ ନିଜର ଉତ୍କର୍ଷତା ପ୍ରତିପାଦନ କ୍ଷେତ୍ରରେ ସହାୟକ ହେବ । କେନ୍ଦୁଝର ଜିଲ୍ଲାରେ ଆନ୍ତର୍ଜାତିକ ମାନର ବ୍ୟବସ୍ଥା ରହିଥିବା ଏହି ହ୍ୟାଣ୍ଡବଲ ଷ୍ଟାଡିୟମରେ ରାତ୍ରୀବେଳା ଖେଳ ପାଇଁ ଆଲୋକର ବ୍ୟବସ୍ଥା ରହିଛି । ଆନ୍ତର୍ଜାତିକ ହ୍ୟାଣ୍ଡବଲ ଫେଡେରେସନ ମାନଙ୍କୁ ଅନୁସରଣ କରି ଏହା ନିର୍ମିତ ହୋଇଛି । ଷ୍ଟାଡିୟମ ଭିତରେ ଚାଲିବା ପାଇଁ ପାଥୱେ, ଓପନ ଜିମ୍, ଆକ୍ୟୁପ୍ରେସର, ଟ୍ରାକ୍, ଶିଶୁମାନଙ୍କର ଖେଳିବା ପାଇଁ ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା ରହିଛି । ଏଭଳି ସିନ୍ଥେଟିକ କୋର୍ଟ ହ୍ୟାଣ୍ଡବଲ ଷ୍ଟାଡିୟମ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ଅନେକ ଆନ୍ତର୍ଜାତିକ ସ୍ତରର ଖେଳାଳୀ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଜିଲ୍ଲାପାଳ ଠାକରେ କହିଥିଲେ । ଏତଦ୍ ବ୍ୟତିତ ଶଙ୍କରପୁର ଠାରେ ଧରଣୀଧର ସ୍ପୋର୍ଟସ କମ୍ପେକ୍ସ ଆଧୁନିକକରଣ କରାଯାଉଛି । ଏସ.ପି. ମିତ୍ରଭାନୁ ମହାପାତ୍ର , ଡି.ଏଫ.ଓ. ଧନରାଜ ଏଚ.ଡି. ଏହି ସମାରୋହରେ ଉଦବୋଧନ ଦେଇ କହିଥିଲେ ଯେ, କେନ୍ଦୁଝର ଠାରେ ବିଶ୍ୱମାନର ସିନ୍ଥେଟିକ କୋର୍ଟର ବ୍ୟବସ୍ଥା ସହ ହ୍ୟାଣ୍ଡବଲ ଷ୍ଟାଡିୟମ ନିର୍ମାଣ ଏକ ଗୌରବର ବିଷୟ । ହ୍ୟାଣ୍ଡବଲ କ୍ରିଡ଼ାରେ କେନ୍ଦୁଝର ଜିଲ୍ଲାର ସମୃଦ୍ଧ ପରମ୍ପରା ରହିଛି । ଏହି ନବ ନିର୍ମିତ ଅତ୍ୟାଧୁନିକ ହ୍ୟାଣ୍ଡବଲ ଷ୍ଟାଡିୟମ ସେହି ପରମ୍ପରାକୁ ଅଧିକ ରୁଦ୍ଧିମନ୍ତ କରିବା ସହ ଅଧିକ ଆନ୍ତର୍ଜାତିକ ସ୍ତରରେ ଖେଳାଳୀ ସୃଷ୍ଟି କରି ଜିଲ୍ଲା, ରାଜ୍ୟ ତଥା ଦେଶର ସୁନାମ ବର୍ଦ୍ଧନ କରିବାରେ ସହାୟକ ହେବ ବୋଲି କହିଥିଲେ । ଏବଂ ଖେଳାଳୀ ମାନଙ୍କର ଉତରତର ଉନ୍ନତି କାମନା କରିଥିଲେ ।

ବେଶ୍ ରୋମାଚଂକର ହୋଇଥିଲା ଏହି ପ୍ରଦର୍ଶନୀ ହ୍ୟାଣ୍ଡବଲ ମ୍ୟାଚ୍ । ସିନ୍ଥେଟିକ କୋର୍ଟରେ ଖେଳିଥିବା କାରଣରୁ ଖେଳାଳୀମାନେ ବେଶ୍ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଥିଲା । ପ୍ରଥମ ପ୍ରଦର୍ଶନୀ ମ୍ୟାଚରେ ମହିଳା ବର୍ଗରେ ବି'' ଦଳ ଏ' ଦଳକୁ ୯-୩ ଗୋଲରେ ପରାସ୍ତ କରିଥିବା ବେଳେ ପୁରୁଷ ବର୍ଗରେ ବି ଦଳ ଏ ଦଳକୁ ୧୪ – ୫ ଗୋଲରେ ପରାସ୍ତ କରିଥିଲା । ଏଥିରେ ଅମ୍ପାୟାର ଭାବରେ ସସ୍ମିତା ବିଶ୍ୱାଳ, ରଶ୍ମି ରଞ୍ଜନ, ପ୍ରକାଶ ପ୍ରଧାନ ଏବଂ ପ୍ରଦୋଷ ପ୍ରଧାନ ଖେଳ ପରିଚାଳନା କରିଥିଲେ ।

ଡ୍ରାଇଭର ସଂଘ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

କୋରେଇ,୧୨/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତ ଡ୍ରାଇଭର ସଂଘ ପକ୍ଷରୁ ଅଗ୍ନିକାଣ୍ଡରେ ସର୍ବସ୍ୱଃ ହରାଇଥିବା ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତ କରଦା (ମଙ୍ଗଳା ପାଟଣା) ଗ୍ରାମରେ ଜୟନ୍ତ ପାଢୀଙ୍କ ପରିବାରକୁ ଆର୍ଥିକ ସହାୟତା ସମେତ ନୂତନ ବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି । ଗତ ୨ ତାରିଖ ମାର୍ଗଶିର ମାସ ଗୁରୁବାର ସନ୍ଧ୍ୟାରେ ଜୟନ୍ତଙ୍କ ଘରେ ଧୂପ ଓ ଦୀପ ଦିଆଯାଇଥିଲା । ମାତ୍ର କୌଣସି ମତେ ନିଆଁ ଅସାବଧାନତା ବଶତଃ ନିକଟରେ ଥିବା ଗ୍ୟାସ ଟାଙ୍କି ସଂଷ୍ପର୍ଶରେ ଆସି ଯାଇଥିଲା । ଫଳରେ ଗ୍ୟାସ ଟାଙ୍କିଟି ଫାଟ ଯାଇଥିଲା । ସେଥିରେ ତନ ବଖରା ଚାଳ ଘର ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଥିଲା । ଘର ଭିତରେ ଥିବା ସମସ୍ତ ଆସବାବପତ୍ର ସହିତ ଟେଲର ମେସିନ ଓ ପାଣି ମଟର ମଧ୍ୟ ନିଆଁ ତାପରେ ପୋଡି ପାଉଁଶ ହୋଇ ଯାଇଥିଲା । ନିଜେ ପିନ୍ଧିଥିବା ବସ୍ତ୍ର ବ୍ୟତିତ ଅନ୍ୟ କୌଣସି ଜିନିଷ ଘରୁ ବାହାରି ପାରିନଥିଲା । ଜୟନ୍ତଙ୍କ ପରିବାରକୁ ସହାୟତା ପ୍ରଦାନ ସମୟରେ ସଂଘ ପକ୍ଷରୁ ଦେବଦତ ବେହେରା, ବିଜୟ ମଲ୍ଲିକ, ମନୋଜ ମଲ୍ଲିକ, ବିଦ୍ୟାଧର ସାହୁ, ମଦନ ମୋହନ ସେଠୀ, ସଦାନନ୍ଦ ବେହେରା, ମଦନ ମୋହନ ବାରିକ, ଅଜିତ ମଲ୍ଲିକ,ରଂଜିତ ମଲ୍ଲିକ ଓ ନିରଂଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ଧାନ ଚାଷ କ୍ଷୟକ୍ଷତି ଆକଳନ ପାଇଁ କୃଷି ବିଭାଗକୁ ନିର୍ଦ୍ଦେଶ ଦେବାକୁ ଜିଲ୍ଲାପାଳଙ୍କଠାରେ ଦାବି

ସାଲେପୁର,୧୨/୧୨ (ନି.ପ୍ର): ରାଜ୍ୟ ସରକାର ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ନଥାଇ ମଧ୍ୟ ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକ କୃଷି ବିଭାଗ ପକ୍ଷରୁ ଲଘୁଚାପଜନିତ ବର୍ଷାରେ ଖରିଫ ଧାନ ଚାଷର କ୍ଷୟକ୍ଷତି ହୋଇଥିବା ଆକଳନ କରିଛନ୍ତି । ବିଭାଗୀୟ ପ୍ରାଥମିକ କ୍ଷୟକ୍ଷତି ଆକଳନ ଅନୁଯାୟୀ ନିଶ୍ଚିନ୍ତକୋଇଲି ବ୍ଲକର ମୋଟ୍ ୪୧ଟି ପଂଚାୟତରେ ୯୫୬୦ ହେକ୍ଟର ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ଏହି କ୍ଷୟକ୍ଷତିର ପ୍ରାଥମିକ ଆକଳନ ତାଲିକା ସରକାରଙ୍କୁ ଜଣାଇ ଦିଆଯାଇଥିଲେ ମଧ୍ୟ ଧାନଚାଷର କ୍ଷୟକ୍ଷତିର ତଦନ୍ତ ପାଇଁ ସରକାରୀ ଭାବେ କୌଣସି ନିର୍ଦ୍ଦେଶନାମା ବିଭାଗୀୟକୁ ଜାରି କରାଯାଇନଥିବା ବ୍ଲକ କୃଷି ଅଧିକାରୀ ସୁରେନ୍ଦ୍ର ନାଥ ଘୋଡା ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଏହି ବ୍ଲକ ଅଂଚଳରେ ୧୨୬୭୦ ହେକ୍ଟର ଚାଷ ଜମିରେ ଧାନ ଚାଷ କରାଯାଇଥିବା ବେଳେ ସେଥିମଧ୍ୟରୁ ଖାଲୁଆ ଧାନକ୍ଷେତର ପରିମାଣ ୬୩୦୯ ହେକ୍ଟର, ମଧ୍ୟମ ଧାନକ୍ଷେତର ପରିମାଣ ୫୩୯୦ ହେକ୍ଟର ଏବଂ ଉଚ୍ଚା ବା ଢିପ ଧାନକ୍ଷେତର ପରିମାଣ ୯୭୧ ହେକ୍ଟର ଅନ୍ତର୍ଭୁକ୍ତ ହୋଇଛି । ଲଘୁଚାପ ବର୍ଷାରେ ସମସ୍ତ କିସମର ଧାନ କ୍ଷେତରେ ଅଳ୍ପ ବହୁତେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ମୋଟ୍ ୭୫ ଶତକଡା ଧାନଫସଲ କ୍ଷତି ହୋଇଥିବା ଜଣାଯାଇଛି । ସରକାରୀ ନିୟମ ଅନୁଯାୟୀ, ଜଳସେଚିତ ଚାଷଜମିରେ ହୋଇଥିବା ଧାନର କ୍ଷୟକ୍ଷତି ବାବଦକୁ ହେକ୍ଟର ପିଛା ୧୨୫୦୦ ଟଙ୍କା କ୍ଷତିପୂରଣ ଦେବାର ବ୍ୟବସ୍ଥା ଥିବା ବେଳେ ଅଣଜଳସେଚିତ ଧାନଚାଷ ଜମି ପାଇଁ ହେକ୍ଟର ପିଛା ୬୮୦୦ ଟଙ୍କା ଦିଆଯିବା ଏବଂ ପନିପରିବା, ଆଖୁ, କଦଳୀ ଓ ବିଭିନ୍ନ ଫଳ ଓ ଫୁଲ ଚାଷ ହେକ୍ଟର ପିଛା କ୍ଷତିଗ୍ରସ୍ତ ପାଇଁ ୧୮୦୦୦ ଟଙ୍କା ଦେବାର ବ୍ୟବସ୍ଥା ରହିଛି । ହେଲେ କ୍ଷୟକ୍ଷତିର ଆକଳନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ କୌଣସି ନିର୍ଦ୍ଦେଶ ନଥିବାରୁ ସଠିକ୍ ଭାବେ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀମାନଙ୍କୁ ସହାୟତା ରାଶି ଦେବା କାର୍ଯ୍ୟର ଅଗ୍ରଗତି ହୋଇପାରୁନାହିଁ । ଏହାଛଡା ବହୁ ଚାଷୀ ମାନେ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବାରୁ ଚଳିତ ବର୍ଷ ଧାନଫସଲରେ ଚାଷୀମାନେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବେ ବୋଲି ସ୍ପଷ୍ଟ ହୋଇଛି । ସାଲେପୁର ବ୍ଲକ ଅଂଚଳରେ ୧୦ ହଜାର ହେକ୍ଟର ଓ ମାହାଙ୍ଗା ବ୍ଲକର ୧୨ ହଜାର ହେକ୍ଟର ଚାଷ ଜମିରେ ଧାନ କଟା ନଯିବା ପୂର୍ବରୁ କ୍ଷତିଗ୍ରସ୍ତ ହୋଇଥିବା ଧାନ ପାଇଁ ବୀମାରାଶି ପାଇପାରିବେ ନାହିଁ ବୋଲି ଜଣାଯାଇଛି । ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଧାନ ଚାଷର କ୍ଷୟକ୍ଷତି ଆକଳନ ପାଇଁ କୃଷି ବିଭାଗକୁ ନିର୍ଦ୍ଦେଶ ଦେବାକୁ ହଜାର ହଜାର ଚାଷୀ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

ଟ୍ରଲର ଧକ୍କାରେ ଗୃହରକ୍ଷୀ ମୃତ

କୋରେଇ,୧୨/୧୨ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥ ଟିକର ପୋଲ ଉପରେ ଗତକାଲି ରାତିରେ ଜଣେ ଗୃହରକ୍ଷୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ଠାରୁ କୁଆଖିଆ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ଗାଡିଟି ସବୁଦିନ ପରି ଯାତାୟତ କରେ । ଏହି ଗାଡ଼ିରେ କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ଗ୍ରାମର ଗୃହରକ୍ଷୀ ସତ୍ୟନାରାୟଣ ପଣ୍ଡା (୪୦) କାର୍ଯ୍ୟ କରୁଥିଲେ । ପାଣିକୋଇଲି ଥାନା ଅନ୍ତର୍ଗତ ଟିକର ପୋଲ ନିକଟରେ ପରିସ୍ରା କରିବାକୁ ଅଟକି ଥିବା ସମୟରେ ଏକ ଟ୍ରଲର ତାଙ୍କୁ ପଛ ପଟରୁ ଆସି ଧକ୍କା ମାରିଲା ଫଳରେ

ଶୀତ ଦିନେ ହେୟାର ପ୍ୟାକ୍

● ଦୁଇଟି କଦଳୀ, ଦୁଇଟି ଅଣ୍ଡା, ଗୋଟିଏ ଲେମ୍ବର ରସ ଏବଂ ଦୁଇଟି ଭିଟାମିନ - କ୍ୟାପସୁଲ ମିଶାଇ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ କେଶରେ ଲଗାଇ ୩୦/୪୦ ପରେ ଧୋଇ ଦିଅନ୍ତୁ । ଏହି ଲେପ ସପ୍ତାହରେ ଦୁଇ ଥର ବ୍ୟବହାର କଲେ କେଶ ଭଲ ରହିବ ।

●ଦୁଇଟି ଅଣ୍ଡାରେ କିଛି ଅଲିଭ୍ ତେଲ ମିଶାଇ ବ୍ୟବହାର କରିପାରିବେ । ଏହା ଦ୍ୱାରା କେଶର ଚମକ ବଢ଼ିବ ।

●ଗୋଟିଏ ଚାମଚ ମୁଲତାନୀ ମାଟି ଏବଂ ଗୋଟିଏ ଚାମଚ ବେସନରେ ଅଧ କପ୍ ଭିନିଗାର ମିଶାଇ କେଶରେ ଲଗାନ୍ତୁ ଏବଂ ୧୫/୨୦ମିନିଟ୍ ପରେ କେଶକୁ ସେମ୍ପୁରେ ସଫା କରି ଦିଅନ୍ତୁ । ଶୁଷ୍କ କେଶ ପାଇଁ ଯେକୌଣସି ତେଲ ମିଶାଇ ବ୍ୟବହାର କରିପାରିବେ ।

●୨/୩ ଚାମଚ ଶିକାକାଇ ଗୁଣ୍ଡ, ରାତିରୁ ବତୁରା ଯାଇଥିବା ଗୋଟିଏ ଚାମଚ ମେଥି ଓ ଗୋଟିଏ ଚାମଚ ମୁଗ ଏବଂ ଗୋଟିଏ ଅଣ୍ଡାକୁ ଭଲ ଭାବରେ ମିଶାଇ ଲେପ ତିଆରି କରନ୍ତୁ । ଏହି ଲେପକୁ ସାମ୍ପୁ ଭଳି କେଶରେ ବ୍ୟବହାର କରନ୍ତୁ ।

●ଦହି ମଧ୍ୟ କେଶ ପାଇଁ ଲାଭଦାୟକ । ଏହା କେଶକୁ ଚିକ୍କଣ ଓ ଆକର୍ଷଣୀୟ କରିବା ସହ ରୂପି ମଧ୍ୟ କମ୍ କରିଥାଏ । ଗୋଟିଏ କପ୍ ବସା ଦହିରେ ଗୋଟିଏ ଅଣ୍ଡାର କେବଳ ହଳଦିଆ ଅଂଶ ଓ ଗୋଟିଏ ଚାମଚ ଲେମ୍ବୁରସ ମିଶାନ୍ତୁ । ଏହି ପ୍ୟାକ୍‌କୁ କେଶରେ ଲଗାଇ ଅଧଘଣ୍ଟା ପରେ ସଫା କରିଦିଅନ୍ତୁ ।

●ଗୋଟିଏ ଚାମଚ ମହୁରେ ଦୁଇ ଚାମଚ ଜଡା ତେଲ ଏବଂ ଗୋଟିଏ ଅଣ୍ଡା ମିଶାଇ ସେହି ମିଶ୍ରଣକୁ କେଶରେ ଲଗାଇପାରିବେ । ଏହାକୁ ଲଗାଇବାର ଗୋଟିଏ ଘଣ୍ଟାପରେ କେଶ ସଫା କରିଦେବେ ।

●କେଶରେ ଏକ ଚାମଚ ଘିକୁଆଁରି ରସ, ଗୋଟିଏ ଚାମଚ ଲେମ୍ବୁରସ, ଦୁଇ ଚାମଚ ନଡିଆ କିମ୍ବା ଅଲିଭ ତେଲ ମିଶାଇ ବ୍ୟବହାର କରିପାରିବେ ।

ଶୀତ ଦିନେ ଓଠ ଫାଟୁଥିଲେ



ଶୀତ ଦିନେ ଶରୀର ପ୍ରତି ଅଧିକ ସଚେତନ ଓ ଯତ୍ନଶୀଳ ହେବାକୁ ପଡିଥାଏ । ଶୁଷ୍କ ତ୍ୱଚା ଶରୀର ଏବଂ ମୁହଁକୁ ଏକ ବ୍ୟାଡ୍ ଲୁକ୍ ଦିଏ । ଏଥିପାଇଁ ଆପଣଙ୍କୁ ସବୁବେଳେ ମଇଶ୍ଚରାଇଜର୍ ଏବଂ କ୍ରିମ୍ ବ୍ୟବହାର କରିବାକୁ ପଡିବ । ଥଣ୍ଡା ପ୍ରତି ଯେତିକି ସ୍ପର୍ଶକାତର ଓଠ ତାଠାରୁ ଦୁଇଗୁଣ ଅଧିକ ସ୍ପର୍ଶକାତର । ଓଠରେ କୌଣସି ଅଏଲ ପ୍ରଡ୍ୟୁସିଙ୍ଗ ଗ୍ଲାଣ୍ଡ ତଥା ତେଲ ଉତ୍ପାଦନ ଗ୍ଲାଣ୍ଡ ନାହିଁ । ତେଣୁ ଶରୀରର ଅନ୍ୟ ତ୍ୱଚା ତୁଳନାରେ ଓଠର ଏକ୍ସଟ୍ରା ଯତ୍ନ ନେବା ଦରକାର । ଥଣ୍ଡା ଦ୍ୱାରା ଓଠ ଅଧିକ ଶୁଷ୍କ ହୋଇଯିବ ଏବଂ ଫାଟିବ । ଏଥିପାଇଁ ବିଭିନ୍ନ ମଇଶ୍ଚରାଇଜର, ଲିପବାମ୍ ଉପଲବ୍ଧ ହେଉଛି । ଏହା ବାଦ୍ ନଡିଆ ତେଲକୁ ମଧ୍ୟ ବ୍ୟବହାର କରିପାରିବେ । ନଡିଆ ତେଲ ଶୁଷ୍କତା କମାଇଦେବା ସଂଗେ ସଂଗେ ଓଠକୁ ଆବଶ୍ୟକୀୟ ମଏଶ୍ଚର ପ୍ରଦାନ କରେ । ଶୁଷ୍କ ଓଠର ଯତ୍ନ ନେବା ପାଇଁ ଏହା ହେଉଛି ବେଷ୍ଟ ଉପାୟ । ରାତିରେ ଶୋଇବାକୁ ଯିବା ପୂର୍ବରୁ ଏହାକୁ ଓଠରେ ମାରନ୍ତୁ । ତେବେ ସବୁବେଳେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହୋଇଥିବା ଲିପବାମ୍ ବ୍ୟବହାର କରିବା ତ୍ୱଚା ପାଇଁ ଭଲ ହୋଇଥାଏ ।

ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବ ଆଳୁ





ଆଳୁ ଓ ଦହି:

ଏକ ବଡ଼ ଚାମଚ ଆଳୁ ପେଷ୍ଟ ତିଆରି କରନ୍ତୁ । ସେଥିରେ ଏକ ବଡ଼ ଚାମଚ ଦହି ମିଶାନ୍ତୁ । ଏହି ପ୍ୟାକକୁ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ । ଏବେ ଚେହେରାରେ ପେଷ୍ଟକୁ ଲଗାନ୍ତୁ ଏହା କେବଳ ତ୍ୱଚା ଉଜ୍ଜ୍ୱଳତା ବୃଦ୍ଧି କରିବ ନାହିଁ ବରଂ ସ୍କିନକୁ ଟାଇଟ୍ କରିବାରେ ମଧ୍ୟ ସାହାଯ୍ୟ କରିବ ।

ଆଳୁ ଓ ଅଣ୍ଡା:

ଆଳୁ ଓ ଅଣ୍ଡାର ଫେସ୍ ପ୍ୟାକକୁ ଲଗାଇବା ଦ୍ୱାରା ଚେହେରାର ଛିଦ୍ର ସବୁ ଟାଇଟ୍ ହୋଇଯାଏ । ଆଳୁରୁ ରସ ବାହାର କରି ସେଥିରେ ଅଣ୍ଡାର ଧଳା ଅଂଶକୁ ମିଶାନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଗୋଳାଇ ଚେହେରାରେ ଏବଂ ବେକରେ ଲଗାନ୍ତୁ । ୨୦ମିନିଟ୍ ପରେ ଧୋଇଦିଅନ୍ତୁ; ଦେଖିବେ ତ୍ୱଚା କେତେ ତାଜା ଏବଂ ଗ୍ଲୋ କରୁଛି ।

ଆଳୁ ଓ ହଳଦୀ:

ଆଳୁ ଓ ହଳଦୀର ଫେସ୍ ପ୍ୟାକକୁ ନିୟମିତ ବ୍ୟବହାର କଲେ ତ୍ୱଚା ଉଜ୍ଜ୍ୱଳତା ବୃଦ୍ଧି ହୋଇଥାଏ । ଅଧା ଆଳୁକୁ ଭଲଭାବେ ପେଷ୍ଟ କରନ୍ତୁ । ସେଥିରେ ସାମାନ୍ୟ ହଳଦୀ ମିଶାଇ ଚେହେରାରେ ଲଗାନ୍ତୁ । ଅଧଘଣ୍ଟା ପରେ ଉଷୁମ ପାଣିରେ ମୁହଁ ଟୋଇଦିଅନ୍ତୁ । ଦେଖିବେ କିଛିଦିନ ମଧ୍ୟରେ ଚମକ୍ କେମିତି ଫେରିଆସୁଛି ।

ଆଳୁ ଓ ମୁଲତାନମାଟି:

ଏହି ଫେସ୍ ପ୍ୟାକ୍ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ସବୁଠୁ ଉତ୍ତମ ଉପାୟ । ଏହାସହ ତ୍ୱଚାରେ ଥିବା କଳାଦାଗ, ବ୍ରଣ ମଧ୍ୟ ଭଲ ହୋଇଯାଏ । ଫେସ୍ ପ୍ୟାକ୍ ପାଇଁ ଚୋପା ନ ଛଡ଼ାଇ ଆଳୁରେ ପେଷ୍ଟ ତିଆରି କରନ୍ତୁ । ସେଥିରେ ୪ଚାମଚ ମୁଲତାନି ମାଟି ଏବଂ କିଛି ବୁନ୍ଦା ଗୋଲାପଜଳ ମିଶାନ୍ତୁ । ଏବେ ଏହି ପେଷ୍ଟକୁ ତ୍ୱଚାରେ ଲଗାଇ ୩୦ମିନିଟ୍ ଛାଡ଼ିଦିଅନ୍ତୁ । ଏହି ପ୍ୟାକକୁ ସପ୍ତାହକୁ ଦୁଇ ଥର ଲଗାଇଲେ ଫରକ୍ ଆପଣାଛାଏଁ ଜାଣିପାରିବେ ।

କର୍ମୋରାଣ୍ଟ

ଚୀନ୍, ଜାପାନ ଓ ପୂର୍ବ ଏସିଆରେ ଦେଖାଯାଉଥିବା ସାମୁଦ୍ରିକ ପକ୍ଷୀ କର୍ମୋରାଣ୍ଟର ଲମ୍ବ ପ୍ରାୟ ୨ ହାତ, ଦେହ କଳା, ବେକ ସାପୁଆ, ଥଣ୍ଟ ଅଙ୍କୁଶୀ, ପାଦ ହଂସପାଦ ଭଳି ଲଗାଲଗି । ଏହା ଏକ ଦକ୍ଷ ମାଛ ଶିକାରୀ । କର୍ମୋରାଣ୍ଟ ସମୁଦ୍ର ଢ଼େଉ ଉପରେ ପାଣିକୁ ଛୁଇଁବା ଭଳି ଅତି ପାଖେ ପାଖେ ବହୁ ଦୂର ଉଡ଼ି ଯାଏ । ସମୁଦ୍ର ନିକଟ ପାହାଡ଼ ବା ସେହିଭଳି ଉଚ୍ଚ ସ୍ଥାନରେ ବସା ବାନ୍ଧି ଥରକେ ୪/୫ଟି ଅଣ୍ଡା ଦିଏ । ଛୁଆଗୁଡ଼ିକ ଅତି ଅସୁନ୍ଦର । କର୍ମୋରାଣ୍ଟକୁ ଲୋକେ ପୋଷା ମନାଇ ତା' ସାହାଯ୍ୟରେ ମାଛ ଧରନ୍ତି । ପୋଷା କର୍ମୋରାଣ୍ଟ ବେକରେ ଧାତୁ ବା ରବର ପଟି ବାନ୍ଧିଦେଲେ ସେ ମାଛ ଧରି ଗିଳି ନ ପାରି ମୁନିବକୁ ଦିଏ ଏବଂ ମୁନିବ ପାରିଶ୍ରମିକ ବାବଦରେ ତାକୁ ମଝିରେ ମଝିରେ ଗୋଟିଏ ମାଛ ଖାଇବାକୁ ଦିଏ । ପ୍ରାୟ ୪୦ ପ୍ରଜାତିର ଜଳଚର କର୍ମୋରାଣ୍ଟ ଦେଖା ଯାଆନ୍ତି । ଏମାନେ ମଧ୍ୟ ପାଣି ଭିତରୁ ସାପ ମାରି ଖାଇଯାଆନ୍ତି ।

କର୍କଟ ଜୀବାଣୁ ହ୍ରାସକରେ କଳା ଗହମ

କଳାଗହମ ପାଇଁଲାଭଦାୟକ । ଏଥିରେ ୬୦ ପ୍ରତିଶତ ଲୌହ, ପୁଷ୍ଟିସାର ଏବଂ ପୋଷକ ତତ୍ତ୍ୱ ରହିଛି, କର୍କଟ ଜୀବାଣୁ ହ୍ରାସ କରିବାରେ ସହାୟକ ବୋଲି ନିକଟରେ ଏକ ପତ୍ରିକା ପ୍ରକାଶ କରିଛି । ଏହି ପତ୍ରିକା ଅନୁସାରେ, 'ନ୍ୟାସନାଲ ଏଗ୍ରିଫୁଡ୍ ବାୟୋଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ୍' ତରଫରୁ ପ୍ରାୟ ସାତ ବର୍ଷ ଅଧ୍ୟୟନ ପରେ କଳା ରଙ୍ଗର ଗହମ ଉତ୍ପାଦନ କରାଯାଇଛି । ଜିଙ୍କ ଓ ଆୟୋଡିନ୍ ର ଅଲଗା ଅଲଗା ସ୍ତର ଦେଖିବାକୁ ମିଳେ ଏହି ଗହମରେ, ଯାହା ଅନ୍ୟ ଖାଦ୍ୟରେ ବହୁତ କମ ପରିମାଣରେ ଦେଖାଯାଏ । ଆଣ୍ଟୋସ୍ୟାନିନ୍ ନାମକ ଏକ ବର୍ଣ୍ଣ କଣିକା ଏହି ଗହମରେ ପ୍ରଚୁର ପରିମାଣରେ ରହିଥାଏ । ଅନ୍ୟ ଫଳ କିମ୍ବା ପରିବାରେ ଏହି କଣିକା ୫ ପିପିଏମ୍ ଥିବା ବେଳେ କଳା ଗହମରେ ଏହାର ପରିମାଣ ୧୦୦ରୁ ୨୦୦ ପିପିଏମ୍ ଥାଏ । ଯାହା ଗହମକୁ କଳା ରଙ୍ଗ କରେ । ଏଥିରେ କିଛି ପରିମାଣରେ ଷ୍ଟର୍ଚ ମଧ୍ୟ ରହିଥାଏ । ଯାହା ଭୋଗ କମାଇବା ସହ ଓଜନ କମାଇବାରେ ସାହାଯ୍ୟ କରେ । କଳାଗହମ ମନୁଷ୍ୟଙ୍କ ଖାଦ୍ୟ ଉପଯୋଗୀ କି ନୁହେଁ, ଏହାର ସତ୍ୟତା ଜାଣିବା ପାଇଁ ଏକ ମୂଷା ଉପରେ ପରୀକ୍ଷା କରିଥିଲେ । କିଛି ଦିନ ଧରି କଳା ଗହମରେ ପ୍ରସ୍ତୁତ ରୁଟି ସେମାନଙ୍କୁ ଖାଇବାକୁ ଦିଆଯାଇଥିଲା । ସେମାନଙ୍କ ସକାରାତ୍ମକ ଭାବ ବଢ଼ିବା ସହ ରକ୍ତଚାପ ଏବଂ ଶର୍କରା ପରିମାଣ ସମାନ ଜଣାପଡିଲା । ତା'ରେ ଗହମ ବଜଚାରରେ ବିକ୍ରି ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି ।

ରୋଷେଇ ଫୁଟ ଜିଲାପି

ଆବଶ୍ୟକ ସାମଗ୍ରୀ:

୨୫୦ଗ୍ରାମ୍ ମଇଦା, ୫୦ଗ୍ରାମ୍ ବେସନ, ୨ଚାମଚ ଦହି, ଛାଣିବା ପାଇଁ ଘିଅ, ୩ କପ୍ ଚିନି, ଏକ ଚାମଚ ଲେମ୍ବୁରସ, ୨୦୦ଗ୍ରାମ୍ ପାଣି ବାହାରି ଯାଇଥିବା ଦହି, ଏକ ଚାମଚ ସରୁ ସରୁ କଟାଯାଇଥିବା ଅଦା, ଏକ ଚାମଚ ଅରେଞ୍ଜ୍ ମାମଲେଡ୍, ୨ ଚାମଚ କମଳା ରସ ଓ ଅଧା କପ୍ ତାଜା କଟାଯାଇଥିବା ଫଳ ।

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ମଇଦାରେ ବେସନ, ଦହି ଓ ପାଣି ମିଶାଇ ଗାଢ଼ା ପେଷ୍ଟ କରି ୫/୬ ଘଣ୍ଟା ରଖି ଦିଅନ୍ତୁ । ଏହି ମିଶ୍ରଣକୁ ପାଇପିଂ ବ୍ୟାଗରେ ରଖନ୍ତୁ । ସିରପ୍ ତିଆରି କରିବା ପାଇଁ ପ୍ୟାନରେ ପାଣି ପକାନ୍ତୁ । ଏଥିରେ ଚିନି ଓ କେସର ପକାଇ ସିରପ୍ ପ୍ରସ୍ତୁତ କରନ୍ତୁ । ଏକ ଅଲଗା ଫ୍ରାଇଂ ପ୍ୟାନରେ ଘିଅ ଗରମ କରନ୍ତୁ । ପାଇପିଂ ବ୍ୟାଗରେ ଭରାଯାଇଥିବା ମିଶ୍ରଣକୁ ତେଲରେ ଛାଣି ଦିଅନ୍ତୁ । ଏହା ପରେ ଜିଲାପିକୁ ଚିନି ସିରପ୍‌ରେ ପକାଇ ପରେ ବାହାର କରି ଦିଅନ୍ତୁ । ଫ୍ଲେଭର୍ଡ ଦହି ତିଆରି କରିବା ପାଇଁ ତାଓ୍ୱାରେ କମଳା ରସରେ ଅଦାକୁ ମିଶାଇ କିଛି ସମୟ ଫ୍ରାଏ କରନ୍ତୁ । ଏଥିରେ ଅରେଞ୍ଜ ମାମଲେଡ୍ ପକାଇ ମିନିଟିଏ ପୁଣିଥରେ ଫ୍ରାଏ କରନ୍ତୁ । ଆଞ୍ଚରୁ ବାହାର କରି ପାଣି ବାହାର କରାଯାଇଥିବା ଦହି ତାଜା କଟାଯାଇଥିବା ଫଳରେ ମିଶାନ୍ତୁ । ଏହା ପରେ ଗରମା ଗରମ ଜିଲାପି ସର୍ଭ କରନ୍ତୁ ।

ମୁଣ୍ଡ ବିନ୍ଧାରୁ ମୁକ୍ତି ଦେବ ଅଦା



ନିଦ ଆମ ଶରୀର ପାଇଁ ଜରୁରି । କିନ୍ତୁ ଅନେକ ସମୟରେ ଦେଖିବାକୁ ମିଳେ ଯେ ଅଧିକ ସମୟ ଶୋଇବା ପରେ କେତେଜଣଙ୍କର ମୁଣ୍ଡ ବିନ୍ଧା ହୋଇଥାଏ । ତେବେ ଏପରି ସମସ୍ୟାରୁ କିପରି ମୁକ୍ତି ପାଇବେ ।

ଅଦା ଖାଅନ୍ତୁ

ଅଧିକ ଶୋଇବା ଦ୍ୱାରା ହେଉଥିବା ମୁଣ୍ଡବିନ୍ଧାରୁ ରକ୍ଷା ପାଇବା ପାଇଁ ଅଦା ଖାଇପାରିବେ । ଏଥିପାଇଁ ଅଦା ରସ ବା ଅଦା ପକାଇ ଚା' ପିଇପାରିବେ । ଅଦା ମସ୍ତିଷ୍କରେ ଥିବା ରକ୍ତକୋଷିକାରେ ଉପୁଜୁଥିବା ଯନ୍ତ୍ରଣାକୁ କମ କରିଥାଏ ।

କ୍ୟାଫିନ୍ କମ ନିଅନ୍ତୁ

ଯଦି ଆପଣଙ୍କର ଏପରି ମୁଣ୍ଡବିନ୍ଧା ହେଉଥାଏ, ତେବେ ନେଉଥିବା କ୍ୟାଫିନର ମାତ୍ରାକୁ କମ କରିଦିଅନ୍ତୁ । କାରଣ ଅଧିକ କ୍ୟାଫିନଯୁକ୍ତ ପାନୀୟ ନେବା ଠିକ ଭାବରେ ନିଦ ହୋଇନଥାଏ ।

ଅଧିକ ପାଣି ପିଅନ୍ତୁ

ଯଦି ଆପଣଙ୍କ ଶରୀରରେ ପାଣିର ଅଭାବ ଥାଏ, ତେବେ ଅଧିକ ସମୟ ଶୋଇବା ପରେ ମୁଣ୍ଡବିନ୍ଧା ହୋଇଥାଏ । କଫି, ଆଲକହଲ ଓ ଡ଼ଟା ପାନୀୟ ପିଇବା ଦ୍ୱାରା ଶରୀରରେ ପାଣିର ଅଭାବ ଦେଖା ଦେଇଥାଏ । ସେଥିପାଇଁ ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ଅଧିକ ମାତ୍ରାରେ ପାଣି ପିଇବା ଆବଶ୍ୟକ ।

ଯୋଗ ଦିଏ ଫାଇଦା

ଅଧିକ ନିଦରୁ ହେଉଥିବା ମୁଣ୍ଡବିନ୍ଧାରୁ ମୁକ୍ତି ପାଇଁ ଯୋଗ କରିପାରିବେ । ଏହା ଶରୀର ପାଇଁ ଲାଭକାରୀ ହେବା ସହିତ ମୁଣ୍ଡକୁ ଶାନ୍ତ ଓ ସ୍ଥିର ରଖିଥାଏ । ଫଳରେ ଭଲ ନିଦର ଫାଇଦା ପାଇପାରିବେ ।

ମୋଟାପଣ ହ୍ରାସ କରିବ ହ୍ୱାଇଟ୍ ଟି

ମୋଟାପଣ ଓ କୋଲେଷ୍ଟୋରଲ ବୃଦ୍ଧିକୁ ନେଇ ଚିନ୍ତିତ ଥିବା ବ୍ୟକ୍ତିଙ୍କ ପାଇଁ ଆସିଛି ନୂଆ ଫର୍ମୁଲା । ହ୍ୱାଇଟ୍ ଟି । ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ସୁନ୍ଦର , ସତେଜ ରଖିବା ସହ ବିଭିନ୍ନ ପ୍ରକାର ରୋଗରୁ ମଧ୍ୟ ମୁକ୍ତ ରଖିବ । ଏବେ ମନରେ ପ୍ରଶ୍ନ ଉଠୁଥିବ ହ୍ୱାଇଟ୍ ଟି' ପ୍ରକୃତରେ କ'ଣ ? ଗ୍ରୀନଟି ଉତ୍ପାଦନ ହେଉଥିବା ଗଛରୁ ହିଁ ହ୍ୱାଇଟ୍ ଟି' ଆସିଥାଏ । କିନ୍ତୁ ଗ୍ରୀନ ଟି ତୁଳନାରେ ହ୍ୱାଇଟ ଟି ବିଶେଷଭାବେ ଲାଭଦାୟକ । ଏହା ଚାରୋଟି ନମୁନାରେ ଉପଲବ୍ଧ ହୋଇଥାଏ, ସିଲୋନ, ଆଫ୍ରିକାନ, ଦାର୍ଜିଲିଙ୍ଗ ଏବଂ ଆସାମ । ଏହି ଚା' ଦୁର୍ଲଭ ହେବା ସାଙ୍ଗକୁ ମହଙ୍ଗା ମଧ୍ୟ । ଏଥିରୁ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି, ଯାହା କୋଲେଷ୍ଟୋରଲକୁ କମ କରିବାରେ ସହାୟକ ହୋଇଥାଏ । ଏହାସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା, କ୍ୟାନ୍ସର, କେଶ ଝଡ଼ିବା ସମସ୍ୟାରୁ ମୁକ୍ତି, ରୂପି ହ୍ରାସ ଏବଂ ରକ୍ତ ପ୍ରବାହ ଉତ୍ତମ ହୋଇଥାଏ ।

ଶୀତରେ ପାଦର ଯତ୍ନ

ଶୀତ ଦୀନେ ସମସ୍ତଙ୍କର ନଜର କେବଳ ମୁହଁ ଏବଂ ହାତ ଉପରେ ରହେ, କିନ୍ତୁ ପାଦ ଉପରକୁ ବେଶୀ କେହି ଧ୍ୟାନ ଦେଇ ନଥାନ୍ତି । କିନ୍ତୁ ଶୀତରେ ପାଦର ଯତ୍ନ ନେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଦିନରେ ୩/୪ଥର ପାଦରେ ମଏଶ୍ଚରାଇଜର୍ ବ୍ୟବହାର କରିବା ଆବଶ୍ୟକ । ଏହାଦ୍ୱାରା ତ୍ୱଚା ଖୁବ୍ ଉଜ୍ଜଳ ଲାଗିବ ।

♦ସ୍ଲିପର ପିନ୍ଧିବାକୁ ଭଲ ଲାଗିପାରେ କିନ୍ତୁ ଶୀତଦିନେ ସ୍ଲିପରକୁ ନ ପିନ୍ଧି ଯୋତା ପିନ୍ଧନ୍ତୁ । ତେବେ ନିଶ୍ଚିତ ହୁଅନ୍ତୁ ଯେ, ଆପଣଙ୍କ ପାଦ ଭଲ ଭାବେ ସୁରକ୍ଷିତ ଅଛି । ଶୀତପାଇଁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫୁଟ କେୟାର ।

♦ଶୀତରେ ଯଦି ପାଦକୁ ଭଲରେ ରଖିବାକୁ ଚାହୁଁଛନ୍ତି ତେବେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ପ୍ରଚୁର ପରିମାଣରେ ପାଣି ପିଇବା ଦ୍ୱାରା ଏହା ତ୍ୱଚାକୁ ଖୁବ୍ ଭଲ ରଖେ ।

♦ଶୀତଦିନେ ମୋଜା ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ । ଏହାଦ୍ୱାରା ଏହି ଥଣ୍ଡାପାଗରୁ ଆପଣଙ୍କ ତ୍ୱଚାକୁ ସୁରକ୍ଷା ମିଳିବ । ତେଣୁ ଏହି ଋତୁରେ ମୋଜା ପିନ୍ଧିବାର ଅଭ୍ୟାସ କରନ୍ତୁ । ମାର୍କେଟରେ ବିଭିନ୍ନ ପ୍ରକାରର ଟ୍ରେଣ୍ଡି ସକ୍ସ ମିଳୁଛି ଏବଂ ଆପଣ ତାକୁ ଷ୍ଟାଇଲରେ ପିନ୍ଧିବାକୁ ଭଲ ପାଇବେ ।

ରାତିରେ ଶୋଇବା ପୂର୍ବରୁ ପାଦକୁ ଭଲ ଭାବରେ ଗରମ ପାଣିରେ ଧୋଇ ମଏଶ୍ଚରାଇଜର୍ କିମ୍ବା ତେଲ ଦ୍ୱାରା ମସାଜ୍ କରନ୍ତୁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଅବ୍ୟବସ୍ଥିତ ଶାସନ ବ୍ୟବସ୍ଥା...

ଆମ ଦେଶର ଶାସନ ବ୍ୟବସ୍ଥାକୁ ସଂଗଠିତ ଓ ସୁପରିଚାଳିତ କରିବା ଲକ୍ଷ୍ୟରେ ଯେଉଁ ସମ୍ବିଧାନ ରହିଛି, ସମକାଳୀନ ସମସ୍ୟାର ସମାଧାନ ପାଇଁ ସେଥିରେ ସଂଶୋଧନ କରାଯାଉଛି । ବିଭିନ୍ନ କ୍ଷେତ୍ରରେ ସମୟକ୍ରମେ ଯେଉଁ ସବୁ ପ୍ରସଙ୍ଗଭିତ୍ତିକ ସମସ୍ୟା ଉପୁଜିଥାଏ, ସେଗୁଡ଼ିକର ନିରାକରଣ ପାଇଁ ଜନକଲ୍ୟାଣ ରାଷ୍ଟ୍ରରେ ଏହି ଭଳି ପ୍ରାବଧାନ ରହିବା ସ୍ୱାଭାବିକ୍ । ସେହି କ୍ରମରେ ବହୁ ସଂଖ୍ୟକ ସଂଶୋଧନ କରାଯାଇ ସମ୍ବିଧାନକୁ ଅଧିକ ଗତିଶୀଳ କରାଯାଉଥିବା ବେଳେ କାର୍ଯ୍ୟକାରିତାରେ ଅବଶ୍ୟ କେତେକ ଦୋଷତ୍ରୁଟି ପରିଲକ୍ଷିତ ହେଉଛି । ତ୍ରୁଟି ସଂଶୋଧନ ପ୍ରକ୍ରିୟାରେ ମଧ୍ୟ ତ୍ରୁଟି ରହିଯିବା ଅସ୍ୱାଭାବିକ୍ ନୁହେଁ । ବ୍ୟାଙ୍କ ଜାତୀୟକରଣ, ରାଜା ରାଜୁଡ଼ାଙ୍କ ହାତପାଣ୍ଠି ଉଚ୍ଛେଦ ଭଳି ଐତିହାସିକ ପଦକ୍ଷେପ ଗ୍ରହଣ ସମୟରେ ସମ୍ବିଧାନକୁ ପରିବର୍ତ୍ତନର ଆୟୁଧ କରାଯାଇଥିଲା । ତାହାର ପ୍ରତିଫଳ ଦେଶବାସୀ ପାଇଛନ୍ତି । ସୁଫଳ-କୁଫଳ ନେଇ ବହୁ କଥା ବିବାଦୀୟ ଚର୍ଚ୍ଚାରେ ରହିଛି, ଏବେ ବ୍ୟାଙ୍କ ଜାତୀୟକରଣକୁ ବିପରୀତ ଦିଗରେ ନେବା ସକାଶେ ନିର୍ଦ୍ଦିଷ୍ଟ ମହଲ ତପୁର ହୋଇଉଠିଥିବା ଦେଖାଗଲାଣି । ଜାତୀୟ କରଣ ସମୟରେ ତତ୍କାଳୀନ ସରକାର ସବୁ ବ୍ୟାଙ୍କର ମୁଖ୍ୟ ପରିଚାଳକଙ୍କର ବୈଠକ ଡାକି ଘରୋଇ ମାଲିକାନାର ସମାପ୍ତି ସକାଶେ ପରାମର୍ଶ ଲୋଡ଼ିଥିଲେ । ତେରଟି ବଡ଼ ବ୍ୟାଙ୍କର ଜାତୀୟକରଣ ସକାଶେ ପଦକ୍ଷେପ ନିଆଯିବା ଭିତରେ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀର ସୁରକ୍ଷା ସହ ଜମାକାରୀମାନଙ୍କ ସ୍ୱାର୍ଥ ନେଇ ବହୁବିଧ ବ୍ୟବସ୍ଥା ହୋଇଥିଲା । ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବା ସମୟରେ ଯେମିତି ବାଧା-ପ୍ରତିବନ୍ଧକ ଆସିବା କଥା, ଦେଖା ଦେଲା । ତାହାର ସଂଶୋଧନ ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ବ୍ୟବସ୍ଥା କରାଗଲା । ଏବେ ସମୟାନ୍ତରେ ସରକାର ବହୁ ବ୍ୟାଙ୍କ ବ୍ୟବସ୍ଥାକୁ ସଂକୁଚିତ କରିଦେଇ ଏଭଳି କରିଛନ୍ତି, ଯାହାଦ୍ୱାରା କି ସଂଖ୍ୟା କମିବ, ମାତ୍ର ଗ୍ରାହକ ଓ ଜମାକାରୀଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ । ନୂତନ ବ୍ୟବସ୍ଥାରେ ଜମାକାରୀଙ୍କୁ ସନ୍ତୁଷ୍ଟିକୁ ଅଗ୍ରାଧିକାର, ଡିଜିଟାଲ ମୁଦ୍ରା ପ୍ରଚଳନ ଭଳି ବ୍ୟବସ୍ଥା ସହ ସାଧାରଣ ଗ୍ରାହକଙ୍କୁ ଅଭ୍ୟସ୍ତ ହେବାକୁ କୁହାଯାଉଛି। ସମୟ ଥିଲା, ଗୋଟିଏ ଏଟିଏମ୍ କାର୍ଡ ପାଇବାକୁ ଦପ୍ତରକୁ ଦୌଡ଼ି ଦୌଡ଼ି ଗ୍ରାହକଙ୍କ ଚପଲ ଘୋରି ହୋଇଯାଉଥିଲା । ଏବେ ସମସ୍ତଙ୍କ ପାଖରେ ଏଟିଏମ୍ କାର୍ଡ ହାଉଜାଉ । ସମସ୍ତଙ୍କୁ କୁହାଗଲାଣି, ସେତେ ବେଶୀ କାମ ନଥିଲେ ବ୍ୟାଙ୍କକୁ ଆସନ୍ତୁ ନାହିଁ । ଅନ୍‌ଲାଇନ୍ କାରବାର କରନ୍ତୁ । ଡିଜିଟାଲ କାରବାର ଏତେ ବ୍ୟାପକ ହୋଇସାରିଲାଣି ଯେ, ଆଉ ପୂର୍ବଭଳି ଦପ୍ତରରେ ଭିଡ଼ ଦେଖାଯାଉନାହିଁ । ମାତ୍ର ସବୁ ଭଲ ଭିତରେ ଲୁଚି ରହିଛି ଭେଲ । ଯେଉଁ କେତେକ ଖଳ ପ୍ରକୃତିର ବ୍ୟକ୍ତି ନାନା ଆର୍ଥିକ ଅପରାଧରେ ଲିପ୍ତ, ସେମାନେ ଡିଜିଟାଲ ଅପରାଧରେ ମାହିର ହେବାକୁ ବସିଲେଣି । ଜମାକାରୀଙ୍କ ଅଜାଣତରେ କିଭଳି ହଜାର ହଜାର ଟଙ୍କା ଏକାଉଞ୍ଚରୁ ଖଲାସ ହୋଇଯାଉଛି, ତାହା ଦେଖିବାକୁ ବାକି ନାହିଁ । କ୍ରିପଟୋକରେନ୍ସି ନାମରେ ଗୋଟିଏ ଅପରିଚିତ ଅତିଥି ଆମ ଦେଶରେ ଆସ୍ଥାନ ଜମାଇବାକୁ ବସିଲାଣି । ସରକାର ବାହାଦୁର କିଛି ବୁଝିବା କି' ଜାଣିବା ପୂର୍ବରୁ ତାହାକୁ ସଂଜୁର ଦେବାକୁ ବସିଲେଣି । ତାହା ହେଲେ ପରିଣତି କ'ଣ ହେବ, ସେ ନେଇ ଅର୍ଥଶାସ୍ତ୍ରୀମାନେ ସୁଦ୍ଧା ଭଲ କରି ଜାଣିନାହାଁନ୍ତି । ଅଭିଜ୍ଞ ଅର୍ଥନୀତିଜ୍ଞମାନେ ଆଶଙ୍କା କରିବା ଆରମ୍ଭ କଲେଣି, ଯଦି କିପ୍‌ଟୋକୁ ମଂଜୁରି ମିଳିବ, ତେବେ ଦରବୃଦ୍ଧି କୁଆଡ଼େ ନିୟନ୍ତ୍ରଣ ବାହାରକୁ ଚାଲିଯିବ । ରିଜର୍ଭ ବ୍ୟାଙ୍କର ସ୍ଥିତି ଦୁର୍ବଳ ହୋଇପଡ଼ିବ । ଯେଉଁ କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରା ଯୋଗାଣ ଓ ମୁଦ୍ରାସ୍ଫିତି ପରିଚାଳନା ଉପରେ ନିୟନ୍ତ୍ରଣ ଥିଲା, ତାହା ରହି ନପାରେ । ମୁଦ୍ରାନୀତି ଉପରେ କ୍ରିପଟୋକରେନ୍ସିର ପ୍ରତିକୂଳ ପ୍ରଭାବ ପଡ଼ିବା ଆଶଙ୍କା କରୁଛନ୍ତି ଅଭିଜ୍ଞ ଅର୍ଥଶାସ୍ତ୍ରୀ । ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଡି. ସୁବା ରାଓ ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଦେଶରେ ନଗଦ କାରବାର ହ୍ରାସ ପାଇବା ଡିଜିଟାଲ କାରବାର ପାଇଁ ସମ୍ଭବ ହୋଇପାରିଛି ସତ । କ୍ରିପଟୋକରେନ୍ସି ନେଇ ଲଗାମହୀନ କାରବାର ନହେବ, ତାହା କହି ହେବନି । ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତି କାନ୍ତ ଦାସ ମଧ୍ୟ ସମ୍ଭାବ୍ୟ ସ୍ଥିତି ନେଇ ଗମ୍ଭୀର ବିଚାରର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ରିଜର୍ଭ ବ୍ୟାଙ୍କ ଏଥିନେଇ ଚିନ୍ତିତ ଥିବାବେଳେ ଯୁକ୍ତିସଙ୍ଗତ ଓ ବସ୍ତୁନିଷ୍ଠ ପଦକ୍ଷେପ ନିଆନଗଲେ ଅତୀତର ଭୁଲ ତ୍ରୁଟିର । ପୁନରାବୃତ୍ତି କରିବ । ତାହା ହେବ ଆ' ବଳଦ ମତେ ବିନ୍ଧ ନ୍ୟାୟ ଭଳି । କରୋନା ଓ ଅନ୍ୟ ବିଭିନ୍ନ କାରଣରୁ କକ୍ଷଚ୍ୟୁତ ହୋଇସାରିଥିବା ଅର୍ଥନୀତି ପାଇଁ ତାହା ଅଧିକ ଘାତକ ସାବ୍ୟସ୍ତ ନହେବ, କିଏ କହିବ ? ଜାତୀୟ ଆର୍ଥିକ ସ୍ଥିତିର ସ୍ୱାର୍ଥରେ ପଦକ୍ଷେପ ନିଆଯିବା ଜରୁରି।

ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

ଅକ୍ଷୟ କୁମାର ରାଉତ

ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନି ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

ପାରାଦ୍ୱୀପଗଡ଼
ମୋ: ୯୯୩୭୬୯୧୪୭୫

ବାଉଁଶ ନଳିର ଯାଦୁକରୀ - ପଠାଣି ସାମନ୍ତ

ଅମୂଲ୍ୟ କୁମାର ପଣ୍ଡା

ପଠାଣି ସାମନ୍ତ ବା ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ଓଡ଼ିଶାର ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ନିକଟସ୍ଥ ଖୁଞ୍ଜୁପଡ଼ା ଗ୍ରାମରେ ୧୮୩୫ ମସିଆ ଡିସେମ୍ବର ୧୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଆଉ ଜଣେ ବିଖ୍ୟାତ ଜ୍ୟୋତିର୍ବିଦ ଓ ପଣ୍ଡିତ ହୋଇପାରିଥିଲେ। ?ସେ ଯେପରି ବିଦ୍ୱାନ ସେହିପରି ନିଷ୍ଠାବାନ ଓ ଧାର୍ମିକ ବ୍ୟକ୍ତି ଥିଲେ। ତାଙ୍କ ବୟସରେ ଯେବେ ପିଲାଏ ଖେଳରେ ମଗ୍ନ ରହୁଥିଲେ, ସେ ସେତେବେଳେ ଗ୍ରହ ନକ୍ଷତ୍ରଙ୍କ ଗତିବିଧିକୁ ପ୍ରଶ୍ନୀଳ ଦୃଷ୍ଟିରେ ଚାହିଁ ରହୁଥିଲେ।ସେ ପିଲାବେଳଲୁ ଖେଳକୁଦରେ ମନ ବଳାଉନଥିଲେ, ସେ ସବୁବେଳେ ଖରା, ଛାଇ, ଆକାଶ, ତାରା, ନକ୍ଷତ୍ର ଚନ୍ଦ୍ର ଆଦିକୁ ଚାହିଁ ରହୁଥିଲେ ଏବଂ ନିଜ ଭାବନା ଭିତରେ ସେମାନଙ୍କୁ ନେଇ ନିମଗ୍ନ ରହୁଥିଲେ। ବାଉଁଶ ନଳୀ ଓ କାଠିରେ ଗ୍ରହ ନକ୍ଷତ୍ରଙ୍କ ଦୂରତା ମାପିବାର ସାହସ ଜୁଟାଇଥିଲେ। ଚାଳରେ ଛିଦ୍ର କରି ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଛାଇକୁ ନୀରିକ୍ଷଣ କରୁଥିଲେ। ପଠାଣି ସାମନ୍ତ ହେଉଛନ୍ତି ସ୍ୱ-ଶିକ୍ଷିତ ଜ୍ୟୋତିର୍ବିଜ୍ଞାନୀ। ସେ ଗଣିତ ଓ ଜ୍ୟୋତିର୍ବିଜ୍ଞାନରେ ସିଦ୍ଧହସ୍ତ ଥିଲେ ଆଉ ପାରମ୍ପରିକ ଭାରତୀୟ ଜ୍ୟୋତିର୍ବିଜ୍ଞାନ ଉପରେ ଗବେଷଣା କରିଥିଲେ। ସେ ଗଣିତ ଓ ପାରମ୍ପରିକ ଜ୍ୟୋତିର୍ବିଜ୍ଞାନ ପଢ଼ିବା ପରେ ଭାରତୀୟ ଗଣିତଜ୍ଞ ଓ ଜ୍ୟୋତିର୍ବିଜ୍ଞାନୀ ଯଥା ଆର୍ଯ୍ୟଭଟ୍ଟ, ବରାହମିହିର ଓ ବ୍ରହ୍ମଗୁପ୍ତଙ୍କ ଗଣନା ସହ ନିଜ ଗଣନାକୁ ମିଶାଇବାକୁ ଚେଷ୍ଟା କରୁଥିଲେ। ଗୋଟିଏ ବାଉଁଶ ନଳୀ ଓ ଦୁଇଟି ବାଡ଼ି ସାହାଯ୍ୟରେ ଆକାଶ ?ରେ ଗ୍ରହନକ୍ଷତ୍ରଙ୍କ ଗତିବିଧି ଉପରେ ଗବେଷଣା କରିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ପିଲାଦିନୁ ତାଙ୍କର ପ୍ରଚଣ୍ଡ ପ୍ରତିଭାର ପରିଚୟ ମିଳିଥିଲା। ପ୍ରାୟ ୨୩ ବର୍ଷର ପର୍ଯ୍ୟବେକ୍ଷଣ ଓ ଅନୁଶୀଳନ ମାଧ୍ୟମରେ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥ ରଚନା କରିଥିଲେ। ତାଙ୍କର ସମସ୍ତ ଗଣନା ଓ ଗବେଷଣା 'ସିଦ୍ଧାନ୍ତ ଦର୍ପଣ'ରେ ଲିପିବଦ୍ଧ। ୧୪ ବର୍ଷରୁ ୩୪ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ଆକାଶର ଜ୍ୟୋତିର୍ବିଦ୍ୟା ସମ୍ବନ୍ଧୀୟ ତଥ୍ୟ ସେ ସିଦ୍ଧାନ୍ତ ଦର୍ପଣରେ ଲିପିବଦ୍ଧ କରିଥିଲେ। ସେ ୧୮୯୦ ମସିହା ବେଳକୁ ପୃଥିବୀ ଓ ସୂର୍ଯ୍ୟ ମଧ୍ୟ ?ରେ ଦୂରତା ଗଣନା କରିପାରିଥିଲେ। ଯାହା ଅନ୍ୟମାନଙ୍କ ପାଇଁ ଦୁର୍ବୋଧ ଥିଲା, ତାହା ତାଙ୍କର ନିଶା ପାଲଟି ଯାଇଥିଲା। ଅଲେ?କିକ ପ୍ରତିଭା ବ?ଳରେ ଦିନେ ଜ୍ୟୋତିର୍ବିଜ୍ଞାନ ପାଣ୍ଡିତ୍ୟରେ ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଦେଇଥିଲେ। ଆମେରିକା, ଇଂଲଣ୍ଡ ଜ୍ୟୋତିର୍ବିଦଙ୍କୁ ମଧ୍ୟ ଚକିତ କରିଦେଇଥିଲେ ପଠାଣି ସାମନ୍ତ। ଇଂଲଣ୍ଡରେ କେବେ ସୂର୍ଯ୍ୟଗ୍ରହଣ ହେବ ସେ ସମ୍ପର୍କରେ ଭାରତରୁ ଆଗୁଆ ସୂଚନା ଦେଇଥିଲେ। ସେଠାକାର ଜ୍ୟୋତିର୍ବିଦମାନେ ଉତ୍କଣ୍ଠାର ସହିତ ସେ ସମୟକୁ ଅପେକ୍ଷା କରି ରହିଲେ



ଆଉ ପଠାଣି ସାମନ୍ତଙ୍କ ଗଣନା ମୁତାବକ ସେଇ ନିର୍ଦ୍ଦିଷ୍ଟ ସମୟରେ ସୂର୍ଯ୍ୟୋପରାଗ ହେଲା। ଠିକ୍? ସେହିପରି ଆମେରିକାରେ ଚନ୍ଦ୍ର ଗ୍ରହଣର ବାବଦରେ କହିଥିବା ସମୟକୁ ଠିକ୍ ନିର୍ଧାରିତ ସମୟରେ ସେଠି ଚନ୍ଦ୍ରଗ୍ରହଣ ଦୃଶ୍ୟ ?ହୋଇଥିଲା। ଏହା ସେତେବେଳେ ଇଂଲଣ୍ଡ ଓ ଆମେରିକା ଜ୍ୟୋତିର୍ବିଜ୍ଞାନୀଙ୍କୁ ଚକିତ କରିଦେଇଥିଲା। ଚନ୍ଦ୍ରଶେଖରଙ୍କ ବାପା ସେହି ସମୟରେ ଜଣେ ପ୍ରଧାନ ଗାଣିତିକ ଥିଲେ । ଗଣିତ ଜ୍ୟୋତିଷରେ ତାହାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଚନ୍ଦ୍ରଶେଖର ବାପାଙ୍କ ଠାରୁ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ

ଗୋଟିଏ ଭିନ୍ନ ସ୍ୱାଦର ଗଳ୍ପ

ଦୁଃଖ ପରେ ସୁଖ

ଦେବେନ୍ଦ୍ର କର୍

ଘଡିରେ ସମୟ ରାତି ବାରଟା ବାଜି ତିରିଶ ମିନିଟ୍। ପଲଙ୍କର ଗୋଟେ କଡକୁ ଭାବୁକ ମୁଦ୍ରାରେ ମିତାଲି ଚାହିଁଥାଏ ଝରକା ସେପଟ ଅନ୍ଧାର ଆଡକୁ। ଆଖିରେ ନିଦର ଟିକିଏ ବି ଆଭାଷ ମିଳୁନାହିଁ। ପଲଙ୍କର ଆରପଟରେ ଅନିକେତ ଗଭୀର ନିଦ୍ରାରେ। ଦିହିଁଙ୍କ ବିବାହକୁ ଆସନ୍ତା କାଲି ଗୋଟିଏ ମାସ ପୁରିଯିବ। ସେଇ ଖୁସିର ମୂହୁର୍ତ୍ତକୁ ଆଉ ଟିକେ ଆକର୍ଷଣିୟ କରିବାକୁ ଅନିକେତ୍ ଯୋଜନା କରିଛନ୍ତି ମିତାଲ ଙ୍କ ଗାଁକୁ ବୁଲିଯିବାକୁ। ଅଗ୍ନିକୁ ସାକ୍ଷୀରଖି ଅନିକେତଙ୍କୁ ଜୀବନସାଥୀ ରୂପେ ପାଇ ମିତାଲି ନିଜକୁ ଭାଗ୍ୟବାନ ମନେ କରିଛି। ହୃଦୟର ଉଚ୍ଚ ଆସନରେ ସ୍ଥାନ ଟିଏ ଦେଇଛି ଅନିକେତଙ୍କୁ। ବିଶ୍ୱାସ ଆସିଛି ନିଜ ଉପରେ ଓ ନିଜ ପରିବାର ଉପରେ ଆଉ ତା ପ୍ରିୟ ଠାକୁର ଭୋଳାନାଥଙ୍କ ଉପରେ। ଦିନେ ନିଜକୁ ଖୁବ୍ ଛୋଟ ମନେ କରୁଥିଲା ଜୀବନଟା ସତେ ଯେମିତି ଏକ ବୋଝ ମନେହେଉଥିଲା। ଦୁଃଖର ଦିନ ଗୁଡିକ ଆଜି ଅପସରି ଯାଇଛି ସୁଖର ରାଇଜରେ ଆଜି ସେ ପାଦ ଥାପିଛି। ଅନିକେତ ଆଜି ତା ପାଦତଳେ ଅଜାଡି ଦେଇଛନ୍ତି ଅଜସ୍ର ସ୍ନେହ ଶ୍ରଦ୍ଧା ଭଲପାଇବା ଆଉ ସୁଖ ଶାନ୍ତି। ଧନୀ ଘରର ପୁଅଟା ପୁଣି କେବେ ଯେ ଗରିବ ଘରର ଅଳପ ପାଠୁଆ ଝିଅଟାର ହାତ ଧରିବେ ଭାବିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ। କୋଉ ଜନମର ପୁଣ୍ୟ କାର୍ଯ୍ୟର ଇଏ ଫଳ ନିଶ୍ଚିତ। ଯେତେ ରୋକିବାବୁ ଚାହିଁଲେ ବି ମନଟା ଆପେ ଆପେ ଟାଣି ନେଉଥିଲା ସେଇ ପୁରୁଣା ଦିନ ଆଡକୁ। କଣ ଭୁଲି ହେବ ସେ ଦିନକୁ। ବାପାଙ୍କ ହାତରେ ତିନି ତିନିଟା କଅଁଳ ଛୁଆଙ୍କୁ ଟେକିଦେଇ ମା ଚାଲିଗଲା ଆରପାରିକୁ। କନ୍ୟା ସନ୍ତାନଟିଏ ବାପାମାଙ୍କ ମୁଣ୍ଡରେ ବୋଝ ବେଶ୍ ଭଲଭାବରେ ହୃଦୟଙ୍ଗମ କରିସାରିଥିଲା ମିତାଲି। ବାପାଙ୍କୁ ତିନି ଝିଅଙ୍କ ବାହାଘର ଚିନ୍ତା ସବୁବେଳ ଘାରେ। ଅଭାବ ଅନାଟନ ଭିତରେ ବାପା ଦୁଇ ଓଳି ଆହାର ଦେବା ସମ୍ଭବ ନଥିଲା। ସ୍ୱଳ୍ପ ରୋଜଗାରରେ ଘରେ ପାଟିତୁଣ୍ଡ ଅଶାନ୍ତି ଲାଗି ରହୁଥାଏ। ମାମୁଁଙ୍କ ଦୟାରୁ ମିତାଲି ଦିନେ କଲେଜରେ ପାଦ ଦେଲା। ଘର ପରିସ୍ଥିତିକୁ ନେଇ ପାଠରେ ଆଦୌ ମନ ଲାଗୁନଥାଏ। ଲକ୍ଷ୍ୟ ଥିଲା ସହରରେ ଚାକିରିଟିଏ କରି ଘରପାଇଁ ଦି'ପଇସା ସଞ୍ଚି ପାରିବ। ସେଇ ଦୃଷ୍ଟିରୁ ମିତାଲି ବାପାଙ୍କୁ ସିଧାସିଧା କହିଦେଇଥିଲା ମୋ ବାହାଘର ଚିନ୍ତା ମୁଣ୍ଡରୁ କାଢିଦିଏ। କଷ୍ଟେମଷ୍ଟେ ସାନ ଦୁଇ ଝିଅ ସୋମା ଆଉ ରୋମା ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ସେ ଦିହିଁଙ୍କୁ ବି ଆଉ ଆଗକୁ ପଢିବା ସମ୍ଭବ ନଥିଲା। ଯାହାଯେତିକି ଜମିବାଡି ବିକିବାକି ତା ବାପା ସୋମା ରୋମାର ବାହାଘରଟା ସାରିଦେଲେ।

ଗାଁର ଗଗନ ଭାଇ କଟକରେ ସହରରେ କୌଣସି ଏକ ଡାକ୍ତରଙ୍କ କ୍ଲିନିକରେ କାମକରେ। କଟକରେ ଅନେକ ବର୍ଷ ରହିବା ଭିତରେ ତାର ଖୁବ୍ ଜଣାଶୁଣା ହୋଇଯାଇଥାଏ। କଟକର ଏକ ନର୍ସିଂହୋମରେ ମିତାଲି ପାଇଁ ଚାକିରିଟିଏ ବୁଝିଦେଲା। ବାପାଙ୍କୁ ଗାଁରେ ଏକୁଟିଆ କରି ମିତାଲି ଚାଲିଆସିଲା ସହର। ଜନଗହଳି ପୂର୍ଣ୍ଣ କଟକ ସହରରେ କିଏ ବା କାହାକୁ ପଚାରେ। ନର୍ସିଂହୋମ ମାଲିକ ସରୋଜ ବାବୁଙ୍କର ଏଠି ଭାରି ଖାତିରି। ମାସିକ ଦରମା ଦୁଇହଜାର ଟଙ୍କା। ଚାକଚକ୍ୟପୂର୍ଣ୍ଣ ପାଞ୍ଚମହଲା ନର୍ସିଂହୋମ କୋଠାଟି। ସକାଳୁ ରାତି ପର୍ଯ୍ୟନ୍ତ ମିତାଲି ତା'ରି ଭିତରେ ହଜାଇଦେଉଥିଲା ନିଜକୁ। କେତେବେଳେ ଦିନଟିଏ ବିତିଯାଇ ସଂଜ ନଇଁଆସେ ଆଦୌ ଧାରଣା ରୁହେନି। ନୂଆ ଜୀବନଟିଏ ପାଇବା ଆଶାରେ ଅନେକ ଦୂର ଦୂରନ୍ତାର ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ଛୁଟିଆସନ୍ତି ଏଠିକି। କାହାର କେତେ ରୋଗ ବଇରାଗ। ରାତିଦିନ ଏକ କରି ମିତାଲି ଲାଗିପଡିଲା ନିଜ କାର୍ଯ୍ୟରେ। ଯା' ହଉ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ତ ମିଳିଗଲା। ମାସକୁ ଅପର୍ଯ୍ୟାପ୍ତ ଆୟ ହୁଏ ନର୍ସିଂହୋମରେ। ସରୋଜବାବୁଙ୍କ ମୁହଁରେ ସବୁବେଳେ ସେଇ ଗୋଟିଏ କଥା ଇଏ କି ବା ରୋଜଗାର ଯାଅ ଦେଖିବ ରାଜଧାନୀ ଭୁବନେଶ୍ୱରରେ ହସପିଟାଲ ମାନଙ୍କରେ। ବେଶି କହିଲେ କହିବେ କଣ ନାଁ ସବୁ ପଇସା ତ ଡାକ୍ତର ନେଇ ଯାଉଛନ୍ତି ଆଉ ଯାହି ଯେତିକି ପଇସା କର୍ମଚାରୀ ଇଲେକ୍ଟ୍ରି ଘରଭଡା ଅନ୍ୟାନ୍ୟ ଖର୍ଚ୍ଚରେ ଯାଉଛି।

ଏଠିକୁ ଆସିବା ପରେ ସାନ ଭଉଣୀଙ୍କ ସହ ମିତାଲି ବରାବର ଫୋନରେ କଥା ହୁଏ ଧୀରେ ଧୀରେ ସେ ବ୍ୟବଧାନ ବଢିବାକୁ ଲାଗିଥାଏ। ଅଖିଆ ଅପିଆ ଦିନ ତମାମ ରୋଗୀ ସେବାରେ କଟିଯାଏ। ଭୋକଉପାସରେ ଦିନେ ଦିନେ ବାନ୍ତି ଲାଗେ ପେଟରେ ଯନ୍ତ୍ରଣା ହୁଏ। ସେଥିରେ ପୁଣି ସରୋଜ ବାବୁଙ୍କ କଟୁ କଥା ବି ଶୁଣିବାକୁ ପଡେ। ଖର୍ଚ୍ଚବାର୍ଚ୍ଚ ଯାଇ ବାପାଙ୍କ ପାଖକୁ ହଜାରେ ଟଙ୍କା ପ୍ରତି ମାସରେ ପଠାଏ। ଅଳପ ଦିନରେ ଅନେକ କାମ ଶିଖିଯାଇଥିଲ ମିତାଲି। ପ୍ରଥମେ ପ୍ରଥମେ ତ ଖୁବ୍ ଭୟ ଲାଗୁଥିଲା ଧୀରେ ଧୀରେ ଗାଳିମନ୍ଦ ଶୁଣି ସବୁ ଥିରେ ପାରଙ୍ଗମ ହୋଇଗଲା। ଏଇ ନର୍ସିଂହୋମରେ ଦୁଇଜଣ ସାଙ୍ଗ ବି ମିଳିଯାଇଥିଲେ ସୁଜାତା ଆଉ ନମ୍ରତା। ସେମାନେ ବି ତାରିପରି ଘରପରିବାର ଛାଡି ପେଟପାଟଣା ପାଇଁ ଚାଲି ଆସିଥିଲେ ଏ ସହରକୁ। ଏଠି ନିଜର ସଉକ ଆଶା ବୋଲି କିଛି ନଥାଏ ଯାହା ଖାଲି ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ସ୍ଥାନ ପେଟକୁ ଦୁଇଓଳି ଆହାର। ନର୍ସିଂହୋମକୁ ଆସୁଥିବା ରୋଗୀମାନେ କେତେବେଳେ କେମିତି ମନ ହେଲେ ୫୦-୧୦୦ ହାତରେ ଗୁଞ୍ଜି ଦିଅନ୍ତି। କଟକରେ ଅନେକ ପୂଜାପର୍ବାଣୀ ବେଶ୍ ଜାକଜମକରେ ପାଳନ ହୁଏ ହେଲେ ନର୍ସିଂହୋମ ବାହାରକୁ ଗୋଡ କାଢିବା ଝିଅମାନଙ୍କର ପକ୍ଷେ ଆଦୌ ସମ୍ଭବ ନୁହେଁ। ତିନି ଚାରିମାସରେ ଗାଁ ଯିବାକୁ ଛୁଟି ମିଳେ ସେଥିରେ ପୁଣି ଦୁନିଆ କଥା ଶୁଣିବାକୁ ପଡେ ଡାକ୍ତର ମାନଙ୍କଠାରୁ। ଗାଁ ର ସେଇ ଚାଳି କୁଡିଆ ଶିବ ମନ୍ଦିର ଆମ୍ବତୋଟା ପୋଖରୀ ଦୋଳ ପଡିଆ କଥା ଭାରି ମନେ ପଡେ। ଗାଁକୁ ଫେରିଲେ ଦିନେ କେଇଟା ନପୁରୁଣୁ ସରୋଜ ବାବୁଙ୍କ ଫୋନ ପହଞ୍ଚିଯାଏ। ମନରେ ରାଗ ଆସେ ଏ ବଡବଡିଆ ଡାକ୍ତର ଗୁଡାକ ଖାଲି ପଇସାକୁ ଚିହ୍ନନ୍ତି। କେଇ ଜଣଙ୍କ ଖରାପ ନଜର ବି ତାଉପରେ ପଡିଛି। ଅନେକବାର କୌଶଳ କରି ମୁକୁଳେଇ ଆସିଚି । ଛିଃ ଭାବିଲେ ସେ ଦିନ ଗୁଡିକ ଦେହ ଶିତେଇ ଉଠେ।

ସେଦିନ ରଜ ଉପଲକ୍ଷେ ସରୋଜବାବୁ ସପରିବାରେ ବିଦେଶ ଭ୍ରମଣରେ ଯାଇଥାନ୍ତି। ଏପଟେ ସ୍ୱଳ୍ପ ରୋଗୀଙ୍କୁ ଦୃଷ୍ଟିରେ ରଖି ହସପିଟାଲର ଅନ୍ୟ କିଛି ବାବୁମାନେ ସୁଯୋଗ ଦେଖି ଧାଇଁଗଲେ ବୁଲାବୁଲିରେ। ଅଚାନକ ନର୍ସିଂହୋମରେ ଦୁର୍ଘଟଣାଗ୍ରସ୍ତ ରୋଗୀଟିଏ ପହଞ୍ଚିଲେ। ରୋଗୀ ଜଣଙ୍କର ବୟସ ପାଖାପାଖି ୩୨-୩୩ ହେବ। ଦେହରେ ଅନେକ ସ୍ଥାନରେ ଖଣ୍ଡିଆଖାବରା କ୍ଷତ ଚିହ୍ନ ଗୋଡହାତରୁ ଝରିପଡୁଥିଲା ଧାରଧାର ରକ୍ତ। ତାଙ୍କ ନିକଟରେ ଅଳ୍ପ କିଛି ସାଙ୍ଗସାଥିଙ୍କୁ ଛାଡିଦେଲେ ନିଜରବୋଲି କେହି ନଥିଲେ। ନିଜ ଅଭିଜ୍ଞତାକୁ ସାବ୍ୟସ୍ତ କରିବାକୁ ମିତାଲି ପାଇଁ ଇଏ ଏକ ସୁଯୋଗ ଥିଲା। ଚଟାପଟ ଓଟି ଭିତରକୁ ପ୍ରବେଶ କରାଇ ଡାକ୍ତରଙ୍କୁ ରିଙ୍ଗକଲା। ପ୍ରାୟ ଦେଢଘଣ୍ଟା ସମୟ ଲାଗିଗଲା ଓଟି ଭିତରେ। କାହିଁ କେଜାଣି ମିତାଲି ଯୁବକଙ୍କ ପ୍ରତି ବେଶୀରୁ ବେଶୀ ଦରଦି ହୋଇ ଯାଇଥିଲା ସେଦିନ। ଏଠି ରହିବା ଦିନରୁ ଏପରି କେବେ ବି ସେ ଅନୁଭବ କରିନଥିଲା। ପ୍ରାଥମିକ ଚିକିତ୍ସା ପରେ ମିତାଲି ଟିକେ ଅଧିକ ଯତ୍ନ ନେବାକୁ ଲାଗିଥାଏ। ଦିନେ ଦୁଇଦିନ ପରେ ଯୁବକଟି କଥାବାର୍ତ୍ତା କରିବାକୁ ସକ୍ଷମ ହେଲେ। ସେ ଭଲଭାବରେ ଜାଣୁଥିଲେ ନର୍ସିଂହୋମର ଏଇ ଦିଦି ତାଙ୍କର ପାଖେ ପାଖେ ରହି ଯତ୍ନ ନେଉଛନ୍ତି। ସେଦିନ ମିତାଲି ଔଷଧ ଦେବାକୁ ପ୍ରସ୍ତୁତ ହେଉଥାଏ ଯୁବକଟି ଅଚାନକ ଏକ ପ୍ରଶ୍ନ ରଖିଲେ। ତୁମ ନାଁ କଣ। ଏଣୁତେଣୁ କହି ମିତାଲି କଥାର ମୋଡ ବଦଳାଇବାକୁ ଚେଷ୍ଟାକଲା ଯୁବକ ଏଥର ନିଜ ନାଁ ଟି କହିଲେ ମୁଁ ଅନିକେତ। ମିତାଲିକୁ ଟିକେ ନର୍ଭସ ଲାଗିଲା ବୋଧେ ଏକନିଶ୍ୱାସରେ ବାହାରି ଆସିଲା ସେଠାରୁ। ସେଦିନ ରାତିରେ ଅନିକେତଙ୍କୁ ନିଜ ନାଁ କହିନଥିବାରୁ ଭାରି ଅଡୁଆ ଅଡୁଆ ଲାଗୁଥାଏ। ପୁଣି ମନକୁ ବୁଝାଇଲା ସାଧାସିଧା ହସକୁରା ପିଲାଟି ଭଦ୍ର ବ୍ୟବହାର ନାଁ କହିଦେଲେ କଣ ବା ଭାସିଯାଉଛି। ତହିଁଆର ଦିନ ସକାଳୁ ସକାଳୁ ଧାଇଁଯାଇଥିଲା ଯୁବକ ପାଖକୁ ଅଳ୍ପ ହସି ସୁପ୍ରଭାତ ଜଣାଇ ନିଜ ନାଁ ଟା କହିଦେଲା। ଅନିକେତ ସଙ୍ଗେ ସଙ୍ଗେ କହିଲେ ଭେରି ନାଇସ ନେମ୍। ଦିନ କେଇଟାରେ ଅନିକେତଙ୍କ ସହ ମିତାଲିର ଭିନ୍ନ ଏକ ସମ୍ପର୍କଟିଏ ଗଢିଉଠିଲା। ସମୟ ସୁଯୋଗ ଦେଖି ଅନିକେତ ସେଦିନ କହିଦେଇଥିଲେ ମୁଁ ତୁମକୁ ଭଲପାଏ। ଏବେ କିଛିଦିନ ହେବ ଅନିକେତଙ୍କ କ୍ୟାବିନ ଛାଡି ମିତାଲି ଅନ୍ୟ କେଉଁଆଡେ ଯାଉନଥିଲା। ଅନିକେତଙ୍କୁ ଘଡିଏ ନଦେଖିଲେ ତା ମନ ଭଲ ଲାଗେନି। ବିଳମ୍ବରେ ହେଉପଛେ ସେଦିନ ଅନିକେତ୍‌ଙ୍କ ବାପା ବିଶ୍ୱନାଥବାବୁ ପହଞ୍ଚିଲେ ହସପିଟାଲରେ। ଗତ କିଛିଦିନ ହେବ ନିଜ କମ୍ପାନୀ କାମରେ ବିଦେଶରେ ଫଶି ଯାଇଥିଲେ। ପୁଅ ପାଖରୁ ସବୁକଥା ଶୁଣି ବିଶ୍ୱନାଥବାବୁ ମିତାଲିକୁ ଅନେକ ଅନେକ ଧନ୍ୟବାଦ ଦେଲେ। ଅନିକେତ ଡିସଚାର୍ଜ ହେବା ଦିନ ମିତାଲିକୁ ଚୁପ୍ କିନା କହିଗଲା ବ୍ୟସ୍ତ ହେବନି ମୁଁ ଆସିବି ବହୁତ ଜଲ୍‌ଦି। ଚେକ୍ ଅପ ବାହାନାରେ ଅନିକେତ ମଝିରେ ମଝିରେ ଚାଲି ଆସନ୍ତି ନର୍ସିଂହୋମ। ବେଶ୍ କିଛି ସମୟ ଦିହିଁଙ୍କର ଦୁଖଃସୁଖ ଚାଲେ। ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଦିନେ ଅନିକେତଙ୍କ ବାପା ପହଞ୍ଚିଗଲେ ନର୍ସିଂହୋମରେ। ମା' ବୋଲି ସମ୍ବୋଧନ କରି ଘର କଥା ପଚାରିଲେ। ଆଉ ତାପରେ ସିଧାସଳଖ କହିଲେ ମୋ ପୁଅ ତତେ ବହୁତ ଭଲପାଏ ଆଉ ମୁଁ ତତେ ବୋହୂ କରିବାକୁ ଚାହୁଁଛି। ଏତକ ଶୁଣୁ ଶୁଣୁ ଲାଜେଇଗଲା ମିତାଲି। ଦୁଇ ନୟନରୁ ଝରି ଆସିଲା କେଇବୁନ୍ଦା ଅଶ୍ରୁ ଧାର ଯାହା ଦର୍ଶାଉଥାଏ ଦୁଃଖର ନୁହେଁ ବରଂ ଆନନ୍ଦର। ଶୁଭଖବରଟି ବିଶ୍ୱନାଥବାବୁ ସଙ୍ଗେ ସଙ୍ଗେ ମିତାଲିଙ୍କ ବାପାଙ୍କୁ ଜଣେଇଦେଲେ। ହାଲୁକା ପବନ ଛୁଆଁରେ ଦୀର୍ଘ ଭାବନାରେ ପଡିଗଲା ପୂର୍ଣ୍ଣଚ୍ଛେଦ। ମିତାଲିର ନଜର ଟାଣିନେଲା ଝରକା ସେପଟ ଅନ୍ଧକାର ଆଡକୁ। ରାତି ପାହିବାକୁ ଆହୁରି ଢେର ସମୟ ବାକିଥାଏ। ଧୀରେ ଧୀରେ ଆଖି ଯୋଡିକ ଆପେ ଆପେ ମୁଦିଆସିଲା।

+ ମଙ୍ଗଳାବାଗ, ନିୟୋଗି କଲୋନି,
କଟକ-୭,
ଫୋନ୍ - ୯୯୩୭୯୬୩୯୧୦

ପ୍ରତାପ ମହାନ୍ତ

ଉଚିତ୍ ଶିକ୍ଷା

ସାମଲ ବାବୁ ଘରେ ବିଲାତି ହେଉ କି ଆଲସିସିଆନ କୁକୁର ରଖିବାକୁ ଭଲ ପାଆନ୍ତି । ସେମାନଙ୍କୁ ଆଦର ଯତ୍ନ କରିବା ସହ ସକାଳ ସନ୍ଧ୍ୟା ମର୍ଣ୍ଣିଙ୍ଗାକରେ ମଧ୍ୟ ନିତିଦିନ ପାର୍କକୁ ବୁଲାଇ ନିଅନ୍ତି । କୁକୁର ମାନଙ୍କୁ ଏତେ ଭଲ ପାଇବା ସ୍ନେହ ଶ୍ରଦ୍ଧା ଦେବା କିମ୍ବା ସେମାନଙ୍କ ଲାଗି ସବୁଦିନ ରୁଟି, ମାଂସ, ଭାତ ଆଦି ଖାଇବା ଖର୍ଚ୍ଚ ସହ ଦେହ ପା ଭଲମନ୍ଦ ବୁଝାବୁଝିରେ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି । ଅଫିସ ସମୟକୁ ବାଦ୍ ଦେଲେ ଅବଶିଷ୍ଟ ସମୟ ପ୍ରାୟ କୁକୁର ସେବାରେ । ତେଣୁ ପରିବାରର ଅନ୍ୟ କାହା କଥା ଏମିତିକି ନିଜର ଏକମାତ୍ର କୁନି ପୁଅ କୁନାକୁ ମଧ୍ୟ ସମୟ ଦେଇପାରନ୍ତି ନାହିଁ । ସେଥିପାଇଁ କୁନା ମନରେ ଦୁଃଖ । ଏ ବର୍ଷ ପୁଣି ନାଗାଲ୍ୟାଣ୍ଡରୁ ଆଉ ଦୁଇଟା କୁକୁର ମଗାଇଛନ୍ତି । ଆହୁରି ଅଧିକ ଝାମେଲା ବଢ଼ିବ । ବାପା ଆଉ କୁନା ପାଇଁ ବିଲକୁଲ ସମୟ ପାଇବେ ନାହିଁ । ଏହି କଥା ଭାବି ଭାବି ଖଟ ଉପରେ କୁନା ବସିଥାଏ । ଏହି ସମୟରେ, ରବିବାର ଛୁଟିଅଛି, ଚାଲ ସମସ୍ତେ ମା' ତାରିଣୀଙ୍କୁ ଦର୍ଶନ କରି ଆସିବା କହି ଗାଡ଼ି ବାହାର କଲେ ସମାଲ ବାବୁ ।

ଘଟଗାଁରେ ପହଞ୍ଚି ଭଲରେ ଭଲରେ ମା'ଙ୍କର ଦର୍ଶନ ସାରି ମୁଖ୍ୟ ଫାଟକ ଦେଇ ଆସିବା ସମୟରେ ସାମଲ ବାବୁଙ୍କ ପାଖରେ ଭିକ୍ଷା ଥାଳି ଧରି ଦୁଇଟି କୁନି ପିଲା ପହଞ୍ଚିଲେ । କେତେ କାକୁତି ମିନତୀ ହେଲେ ପାଞ୍ଚ ଦଶ ଟଙ୍କା ଲାଗି । ଛିଣ୍ଡା ପ୍ୟାଣ୍ଟ ପିନ୍ଧିଥା'ନ୍ତି । ଦେହ ସାରା ମଇଳା ଲାଗିଥାଏ । କେତେଦିନ ହେବ ଖାଇ ନ ଥିବା ପରି ଚେହେରା । ସେମାନଙ୍କ ବିକଳ ଦେଖି କୁନା ମାଆ ଭୋଗ ନଡ଼ିଆରୁ ଗୋଟିଏ ଭିକ୍ଷାଥାଳରେ ପକାଇ ଦେଲେ । ମାତ୍ର ସାମଲ ବାବୁ ଭାରି କଞ୍ଜୁସ୍ ଲୋକ । ଭିତର ପକେଟ୍‌ରୁ ଖୋଜି ଖୋଜି ଟଙ୍କାକିଆ ଖୁଚୁରା ପଇସାଟିଏ ଦେଲେ । ହେଲେ ସେ ଭିକ୍ଷା ମାଗୁଥିବା ପିଲାମାନେ ସାମ୍ନାରୁ ହଟିଲେ ନାହିଁ। ଧନୀ ଲୋକର ଚେହେରା ଦେଖି ଅଧିକ ପଇସା ଆଶାରେ ପାଦ ଧରି ପକାଇଲେ । ଅସନା ପିଲାଗୁଡ଼ାକ ଦେହକୁ ଛୁଇଁବାଟା ସାମଲ ବାବୁଙ୍କୁ ଜମା ଭଲ ଲାଗିଲା ନାହିଁ । ତେଣୁ ପାଟି କରି କହିଲେ ଭଲରେ କହୁଛି ସାମ୍ନାରୁ ଯାଅ ନଚେତ୍ ହାତ ଉଠାଇ ମାରିବି ଆଉ ପୋଲିସ୍‌ରେ ଦେଇଦେବି ।

ସେମାନେ ବାପା ମା ଛେଉଣ୍ଡ କି କେଉଁ ଅସହାୟ ଅବସ୍ଥାରେ ଆସି ପେଟ ପୋଷିବାକୁ ଭୋଗ ବିକଳରେ ଭିକ ମାଗୁଛନ୍ତି ଭାଇ ଭଉଣୀ ସେ କଥା ନ ବୁଝି ତାଙ୍କ ଉପରେ ଅମାନୁଷିକ ବ୍ୟବହାର ଦେଖାଇବା କୁନା ସହ୍ୟ କରି ପାରିଲା ନାହିଁ। ଶହ ଶହ ଲୋକଙ୍କ ଗହଳି ଭିତରେ ଜୋର୍‌ରେ ପାଟି କରି କହିଲା । ବାପା ତୁମେ ପରା ହଜାର ହଜାର ଟଙ୍କା ସାରି କୁକୁର କିଣି ଘରେ ଏତେ ସମୟ ସ୍ନେହ ଶ୍ରଦ୍ଧା ଦେଉଛ ଅଥଚ ଏଇ ମଣିଷ ଛୁଆ ପ୍ରତି ସ୍ନେହ ଶ୍ରଦ୍ଧା ଦେଖାଇବା ତ ଦୂରର କଥା ବରଂ ମାରିବାକୁ ହାତ ଉଠାଉଛ । ଭୋକିଲା ପିଲାଙ୍କ ଥାଳରେ ଆହାର ମୁଠାଏ ନ ଦେବ ନାହିଁ ପାହାର ବସାଅ ନାହିଁ । ତମ ପରି ଶିକ୍ଷିତ ସଚେତନ ନାଗରିକ ଏପରି ବ୍ୟବହାର ଦେଖାଇଲେ ଏ ଛୁଆ ବଞ୍ଚିବେ କେମିତି ? ବରଂ କୁକୁର ବାବଦରେ ଏତେ ପଇସା ଖର୍ଚ୍ଚ ନ କରି ଏଇ ପିଲାମାନଙ୍କ ଭବିଷ୍ୟତ ତିଆରି କର। ଯେମିତି ଦେଶ ଜାତିର ନାଁ କରିବେ । କୁନା କଥା ଶୁଣି ସାମଲ ବାବୁ ଲଜ୍ଜିତ ହେଲେ ଏବଂ ନିଜର ଭୁଲ ପାଇଁ ମା' ତାରିଣୀଙ୍କୁ କ୍ଷମା ମାଗିଲେ ।

ଅଧକ୍ଷ-ଗୁରୁସ୍ୱାମୀ ଟ୍ରଷ୍ଟ
ସଂପାଦକ-ଗଳାହାର, ଘଟଗାଁ
କେନ୍ଦୁଝର-୭୫୮୦୨୭,
ଫୋନ୍ - ୮୨୪୯୪୦୪୪୪୦

ଶ୍ରୀକୃଷ୍ଣ ସାମଲ

ଆଖି, ରାକ୍ଷୀ ଓ ସାକ୍ଷୀ

ଆଖି, ରାକ୍ଷୀ ଓ ସାକ୍ଷୀ ଥିଲେ ଗୋଟିଏ ପିତା ମାତାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ । ଆଖି ଓ ରାକ୍ଷୀ ଦୁଇ ଭଉଣୀ ଥିଲେ ତାଙ୍କର ଦୁଇଟି ଝିଅ ଓ ସାକ୍ଷୀ ଥିଲା ତାଙ୍କର ଗୋଟିଏ ପୁଅ । ତିନି ଭାଇ ଭଉଣୀଙ୍କ ମଧ୍ୟରେ ଥିଲା ନିବିଡ ଓ ଅତୁଟ ସମ୍ପର୍କ । ଦୁଇ ଭଉଣୀ, ଭାଇ ସାକ୍ଷୀକୁ ନିଜର ଜୀବନଠୁ ଅଧିକ ମନେ କରୁଥିଲେ ଓ ସାକ୍ଷୀ ବି ଆଖି ଓ ରାକ୍ଷୀଙ୍କୁ ଜୀବନ ଧନ ମନେ କରୁଥିଲା । ତିନିଜଣଙ୍କ ମଧ୍ୟରେ ସ୍ନେହ ଶ୍ରଦ୍ଧା ଏତେ ନିବିଡ ଥିଲା ଯେ ସେଥିରେ ପାଣି ବି ଗଳିବାର ଜୁ ନଥିଲା । ହେଲେ ଥରେ ତିନି ଭାଇ ଭଉଣୀ ବନ୍ୟା ଜଳରେ ଭାସି ଯାଇ ଅକାଳରେ ମୃତ୍ୟୁବରଣ କଲେ । କିଁ ଭଗବାନ ବିଷ୍ଣୁ ଏମାନଙ୍କ ପ୍ରତି ଦୟା ପରବଶ ହୋଇ ଏମାନଙ୍କୁ ସ୍ୱର୍ଗକୁ ନେଇଗଲେ । କହିଲେ ତୁମେ ତିନିହେଁ ସ୍ୱର୍ଗରେ ରହି ଦେବଦେବୀମାନଙ୍କ ବୋଲହାକ କରିବ । ଆଉ ସମସ୍ତଙ୍କ ଗହଣରେ ଖୁସିରେ ରହିବ । ସେମାନେ ସ୍ୱର୍ଗକୁ ଗଲେ ହେଲେ କିଛି ଦିନ ଗଲା ପରେ ଆଖି, ରାକ୍ଷୀ ଓ ସାକ୍ଷୀ ଏମାନଙ୍କର ସ୍ୱର୍ଗରେ ରହିବାକୁ ମନ ଧରିଲାନି । ଦିନେ ଭଗବାନ ବିଷ୍ଣୁଙ୍କ ନିକଟକୁ ଯାଇ କହିଲେ ଭଗବାନ ଆମକୁ ସ୍ୱର୍ଗରେ ରହିବାକୁ ମନ ଧରୁନାହିଁ । ଆମକୁ ପୁଣି ଥରେ ମର୍ତ୍ତ୍ୟକୁ ପଠାଇ ଦିଅ । ଭଗବାନ ଏମାନଙ୍କ କଥା ବିଝୁ ପାରିଲେ ଏବଂ କହିଲେ ଠିକ୍ ଅଛି ହେଲେ ତୁମେମାନେ ଆଉ ନିଜ ଶରୀର ଧାରଣ କରି ମର୍ତ୍ତ୍ୟକୁ ଯାଇ ପାରିବ ନାହିଁ । ଆଖି ସବୁ ମଣିଷଙ୍କ ଆଖି ହୋଇଯିବ ଓ ରାକ୍ଷୀ, ରାକ୍ଷୀ ସୂତା ହୋଇଯିବ । ଦରକାର ବେଳେ ଆଖିରେ ମଣିଷ ଯାହା ଦେଖିବ ତାହା ଅନ୍ୟମାନଙ୍କ ନିକଟରେ ପ୍ରକାଶ କଲେ ସେ ଆଖିର ସାକ୍ଷୀ ହୋଇଯିବ । ଅନୁରୂପ ଭାବେ ରାକ୍ଷୀବନ୍ଧନ ବେଳେ ଭଉଣୀଟିଏ ଭାଇକୁ ରାକ୍ଷୀ ବାନ୍ଧି ଦେଲେ ଭାଇଟି ରାକ୍ଷୀର ସାକ୍ଷୀ ହୋଇ ଭଉଣୀକୁ ବିପଦ ଆପଦ ବେଳେ ସାହା ହେବ । ଏଣୁ ସାକ୍ଷୀର କୌଣସି ନୂଆ ରୁପ ହେବ ନାହିଁ । ସାକ୍ଷୀ ସେମିତି ଆଖି ଓ ରାକ୍ଷୀ ମଧ୍ୟରେ ତାଙ୍କ ମନ ଭିତରେ ରହିବ । କାରଣ ବଞ୍ଚିଥିବା ବେଳେ ଆଖି, ରାକ୍ଷୀ ଓ ସାକ୍ଷୀର ଜୀବନଧାରା ଏକାପରି ଥିଲା ।

ସତରେ ଏବେ ନ୍ୟାୟାଳୟରେ ମୋକର୍ଦ୍ଦମାର ବିଚାର ପାଇଁ ସାକ୍ଷୀମାନଙ୍କ ବୟାନ ଉପରେ ହିଁ ନିର୍ଭର କରାଯାଏ । ସାକ୍ଷୀମାନେ ସତ ସାକ୍ଷୀ ଦେଲେ ସତ୍ୟ ଓ ନ୍ୟାୟର ବିଜୟ ହୁଏ । ସେମାନେ ମିଛ ସାକ୍ଷୀ ଦେଲେ ଅନ୍ୟାୟ ଓ ଅସତ୍ୟର ବିଜୟ ହୁଏ । ସେଇଥି ପାଇଁ ଆଜି ସମାଜର ଅଧଃପତନ ଘଟୁଛି । ମଣିଷ ମାନେ ସୁଖଶାନ୍ତିରେ ନାହାନ୍ତି । ଅତି ଭୟାତୁର ଓ କାତର ହୋଇ ଜୀବନ ନିର୍ବାହ କରୁଛନ୍ତି । ହେଲେ ଏଥି ପାଇଁ କେବଳ ସାକ୍ଷୀମାନେ ଦାୟୀ ନୁହନ୍ତି ସମାଜର କିଛି ଦ

ରନ୍ଧନଗ୍ୟାସ, ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିରୁ ନଜର ହଟାଇବାକୁ ନାଟକ କରୁଛି ବିଜେପି: ବିଜେଡି

ବିଜେପି ନେତାଙ୍କୁ ଜଗନ୍ନାଥ ସଦବୁଦ୍ଧି ଦେବାକୁ ବିଜେଡିର ପ୍ରାର୍ଥନା

ଭୁବନେଶ୍ୱର,୧୨/୧୨ (ନି.ପ୍ର): ରନ୍ଧନ ଗ୍ୟାସ ସମେତ ପେଟ୍ରୋଲ ଓ ଡିଜେଲର ଅହେତୁକ ଦର ବୃଦ୍ଧିରୁ ନଜର ହଟାଇବା ଲାଗି ବିଜେପି ହଙ୍ଗାମା କରି ଯେଭଳି ବିଧାନସଭାକୁ ଅଚଳ କଲେ, ତାହା ରାଜ୍ୟବାସୀ ଦେଖିଲେ । ବିଧାନସଭା ଭିତରେ ଲୋକଙ୍କ ଏହି ମୌଳିକ ସମସ୍ୟା ଉଠାଇବା ବଦଳରେ ହଙ୍ଗାମା କରିବା ପରେ ବିଜେପି ବିଧାୟକଦଳ ରାଜ୍ୟପାଳଙ୍କୁ ଭେଟି ଏଥିପାଇଁ ବିଜେଡିକୁ ଦାୟୀ କରି ଯେଉଁଭଳି ପାଲଟା ଅଭିଯୋଗ କଲେ, ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଲଜ୍ଜାଜନକ । ବିଜେପିର ଏହି ଦୋମୁହାଁ ନୀତିକୁ ବିଜେଡି ପକ୍ଷରୁ ଦୃଢ ନିନ୍ଦା କରାଯାଇଥିବା କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ।

ଶ୍ରୀ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଓଡିଶାର ସାଧାରଣ ଲୋକେ ରନ୍ଧନ ଗ୍ୟାସ ଠାରୁ ଆରମ୍ଭ କରି ପେଟ୍ରୋଲ ଓ ଡିଜେଲର ଆକାଶଛୁଆ ଦରବୃଦ୍ଧିରେ ନୟାନ୍ତ ହୋଇ ପଡିଲେଣି । କେନ୍ଦ୍ର ସରକାର ଏହିସବୁ ସାମଗ୍ରୀର ଦର ନିୟନ୍ତ୍ରଣ କରିପାରୁ ନାହାନ୍ତି । ଏଥିରୁ ନଜର ହଟାଇବାପାଇଁ ବିଜେପି ବିଧାୟକମାନେ ଓଡିଶା ବିଧାନସଭାକୁ ଅଚଳ କରି ରଖିଲେ । ବାଚସ୍ପତି ବାରମ୍ବାର ସର୍ବଦଳୀୟ ବୈଠକ ଡାକି ବିଧାନସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ଅନୁରୋଧ କଲେ । ମାତ୍ର ବିଧାନସଭା ଚଳାଇ ନଦେବା ଲାଗି ବିଜେପି ବିଧାୟକମାନେ କେତେବେଳେ ଘଂଟ ବଜାଇଲେ ତ ଆଉ କେତେବେଳେ ହୋହଲ୍ଲା କଲେ ।

ରାଜ୍ୟ ବିଜେପିର ଏଭଳି ଆଚରଣ ଯୋଗୁଁ ଲୋକେ ଏହି ଦଳକୁ ଓଡିଶାରେ ବାରମ୍ବାର ପ୍ରତ୍ୟାଖାନ କରୁଛନ୍ତି । ଯେଉଁଥିପାଇଁ ବିଜେପିର ଆଗଧାଡିର ନେତାମାନେ ଜଣଙ୍କ ପରେ ଜଣେ ଦଳ ଛାଡୁଛନ୍ତି । ଆଗାମୀ ଦିନରେ ଏହା ଆହୁରି ବଢିବ । ରାଜ୍ୟ ବିଜେପିର ୮ଜଣ ଯାକ ସାଂସଦ ଦିଲ୍ଲୀରେ ଓଡିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଲଢେଇ କରିବା ଲାଗି ଜଗନ୍ନାଥ ସେମାନଙ୍କୁ ସଦବୁଦ୍ଧି ଦେବାକୁ ବିଜେଡି ପ୍ରାର୍ଥନା କରୁଛି । କିନ୍ତୁ ବଜେପି ତାହା ନକରି ଦଳ ପକ୍ଷରୁ ଯେଭଳି ଲୋକଙ୍କ ମୌଳିକ ସମସ୍ୟାକୁ ଅଣଦେଖା କରି ରାଜ୍ୟ ବିଧାନସଭାକୁ ଅଚଳ କରାଗଲା ତାହାକୁ ଓଡିଶାବାସୀ ଦେଖିଛନ୍ତି ଓ ଆଗାମୀ ଦିନରେ ରାଜ୍ୟର ସଚେତନ ଲୋକେ ଏଭଳି ଦଳକୁ ଉଚିତ ଜବାବ ଦେବେ ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ।

ବିଦ୍ୟୁତ ବିତରଣ, ବାଣିଜ୍ୟିକ କ୍ଷତି କମାଇବାରେ ବିଦ୍ୟୁତ କମ୍ପାନି ବିଫଳ

ଭୁବନେଶ୍ୱର,୧୨/୧୨ (ନି.ପ୍ର): ରାଜ୍ୟର ବିଦ୍ୟୁତ ବିତରଣ କମ୍ପାନିମାନେ ବିଦ୍ୟୁତ ବିତରଣ, ବୈଷୟିକ ଓ ବାଣିଜ୍ୟିକ କ୍ଷତି କମାଇବାରେ ବିଫଳ । ଗତ ୪ବର୍ଷର ତଥ୍ୟକୁ ଅନୁଶୀଳନ କଲେ ଏହା ସ୍ପଷ୍ଟ ହୋଇଛି । ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି)ଙ୍କ ଦ୍ୱାରା ଧାର୍ଯ୍ୟ କ୍ଷତିଠାରୁ ବିଦ୍ୟୁତ କମ୍ପାନିମାନଙ୍କ ପ୍ରକୃତ କ୍ଷତି ଅଧିକ ରହିଥିବା ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଦେଇଥିବା ସୂଚନାରୁ ଜଣାପଡ଼ିଛି ।

୨୦୧୭/୧୮ରେ ଓଇଆରସି ସାମଗ୍ରିକ ବୈଷୟିକ ଓ ବାଣିଜ୍ୟିକ କ୍ଷତି ୨୨.୧୭ ଓ ବିତରଣ କ୍ଷତି ୨୧.୩୮ ଧାର୍ଯ୍ୟ କରିଥିବା ବେଳେ ପ୍ରକୃତରେ କମ୍ପାନିମାନଙ୍କ କ୍ଷତି ୩୨.୯୬ ଓ ୨୮୦୩ ରହିଥିଲା । ୨୦୧୮/୧୯ରେ ଏହା ୩୦.୫୭, ୨୪,୨୫, ୨୦୧୯/୨୦ରେ ୨୯.୪୮, ୧୭.୪୪ ଓ ୨୦୨୦/୨୧ରେ ୨୭.୮୭, ୨୪.୧୭ ପ୍ରତିଶତ ରହିଛି । ୨୦୧୮/୧୯ରେ ଦେଶର ୮ଟି ରାଜ୍ୟ ଭିତରେ ଓଡ଼ିଶା ଦ୍ୱିତୀୟ ସର୍ବାଧିକ ବିତରଣ ଜନିତ କ୍ଷତି ରାଜ୍ୟ ପାଲଟିଥିଲା । ସେହି ବର୍ଷରେ ଓଡ଼ିଶାରେ ବିତରଣ କ୍ଷତି ୨୪.୨୫ ପ୍ରତିଶତ ଥିବା ବେଳେ ମଧ୍ୟପ୍ରଦେଶରେ ସର୍ବାଧିକ ୨୭.୫୮ ପ୍ରତିଶତ ରହିଥିଲା । ଗୁଜୁରାଟରେ ସବୁଠାରୁ କମ୍ ୧୩.୪୪ ପ୍ରତିଶତ ବିତରଣ କ୍ଷତି ନଜରକୁ ଆସିଛି ।

ମହିମା ସେଠୀଙ୍କୁ ସାରଳା ଯୁବ ପୁରସ୍କାର

ଭୁବନେଶ୍ୱର,୧୨/୧୨ (ନି.ପ୍ର): କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏକ ଭବ୍ୟ ସମାରୋହରେ ବିଶିଷ୍ଟ ଯୁବ କବି ଇଂ ମହିମା ସେଠୀଙ୍କ 'ଇଙ୍କ୍ ଫ୍ରମ୍ ନାଇଟ୍ ସ୍କାଇଜ୍' ଇଂରାଜୀ କବିତାଗ୍ରନ୍ଥ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ରାଜେନ୍ଦ୍ର ପ୍ରସାଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଭେନ୍ସା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଇଂରାଜୀ ସାହିତ୍ୟିକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଡ. ପ୍ରଭାକର ପାଲ୍‌କା, ମାଡ୍ରାସ୍ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଡ. ଏସ୍. ଅର୍ମଷ୍ଟ୍ରଙ୍ଗ ଏବଂ ବିଶିଷ୍ଟ ଇଂରାଜୀ କବି ଡ. ରବୀନ୍ଦ୍ର କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥ ଉପରେ ବିଶଦ ଆଲୋଚନା କରିଥିଲେ । ଏହି ଅବସରରେ କବୀ ମହିମା ସେଠୀଙ୍କୁ ସଂସଦ ପକ୍ଷରୁ 'ସାରଳା ଯୁବ ପୁରସ୍କାର' ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା ।

୪୭.୧ ପ୍ରତିଶତ ଆଦିବାସୀ ଛୁଆଙ୍କୁ ମିଳୁନି ପୋଷଣ ଖାଦ୍ୟ

ଭୁବନେଶ୍ୱର,୧୨/୧୨ (ନି.ପ୍ର): ଚୁନା ମାଛ କିଭଳି ଶିଶୁ, ଗର୍ଭବତୀଙ୍କ କୁ-ପୋଷଣର ମୁକାବିଲା କରୁଛି, ସ୍ୱାମୀନାଥନ କମିସନ୍ ତାହାର ଆକଳନ କରୁଛି । ଡିସେମ୍ବର ଅନ୍ତିମ ସପ୍ତାହରେ କମିସନ୍ ଏ ସଂକ୍ରାନ୍ତରେ ରିପୋର୍ଟ ପ୍ରଦାନ କରିବ । ଏହି ଆଧାରରେ ଆଦିବାସୀ ଅଧ୍ୟୁଷିତ ୯ଟି ଜିଲ୍ଲା ଗଜପତି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, ସୁନ୍ଦରଗଡ଼ରେ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ଚୁନାମାଛ ପାଉଡର ଦିଆଯିବ ବୋଲି ଓଡ଼ିଶା କୃଷି ଏବଂ ମତ୍ସ୍ୟ ପାଳନ ବିଭାଗ ସୂତ୍ରରୁ ପ୍ରକାଶ ।

ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ୪୭.୧ ପ୍ରତିଶତ ଶିଶୁ କୁପୋଷଣର ଶିକାର । ଏହା ରାଜ୍ୟ ଏବଂ ଦେଶର ଶିଶୁ କୁ-ପୋଷଣଠାରୁ କାହିଁ କେତେ ଅଧିକ । ରାଜ୍ୟରେ ୩୪.୧ ପ୍ରତିଶତ ଏବଂ ଦେଶରେ ୩୮.୪ ପ୍ରତିଶତ ଶିଶୁ କୁପୋଷଣର ଶିକାର । ୬ରୁ ୫୯ ମାସର ୬୪.୨ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହେଉଛନ୍ତି । ଗର୍ଭବତୀ ମହିଳା ଏବଂ ଶିଶୁଙ୍କ କୁପୋଷଣରୁ ରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା ପ୍ରସ୍ତୁତ ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ବିଶେଷ ସଫଳତା ମିଳି ନଥିବା ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି ।

ଚୁନା ମାଛରେ ଓମେଗା-୩ ଫେଟି ଏସିଡ୍, ବି୧୨, ଆଇରନ, ଜିଙ୍କ, କ୍ୟାଲସିୟମ ଏବଂ ପ୍ରୋଟିନ୍ ରହିଛି । ଏହା ୩ରୁ ୬ବର୍ଷୀୟ ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଭଲ ବୋଲି ରାଜ୍ୟ କୃଷି ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି ।

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକର ୪ଟି ପଞ୍ଚାୟତରେ ଚୁନା ମାଛ ପାଉଡର ବଣ୍ଟନ ବ୍ୟବସ୍ଥାକୁ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ କରାଯାଇଥିଲା । ଏପ୍ରିଲ ୧ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ୧୨ଶହ ଶିଶୁଙ୍କୁ ଏହି ଚୁନା ମାଛ ଗୁଣ୍ଡ ଦିଆଯାଇଛି । ଏହାକୁ ୭ଦିନରେ ୫ଥର ଦିଆଯାଇଛି । କୋଚିରୁ ଆସୁଥିବା ସାମୁଦ୍ରିକ ମାଛର ଗୁଣ୍ଡ ପ୍ରସ୍ତୁତ କରାଯାଇଛି । ଏହି ଚୁନାମାଛ ଗୁଣ୍ଡ ଖାଇବା ପରେ ମୟୂରଭଞ୍ଜ ଜିଲ୍ଲାର ଏହି ପିଲାଙ୍କ କି ଉନ୍ନତି ହୋଇଛି, ତାହା ନେଇ ସ୍ୱାମୀନାଥନ କମିସନ ଆକଳନ କରୁଛି । ଡିସେମ୍ବର ଅନ୍ତିମ ସପ୍ତାହରେ ଏ ସଂକ୍ରାନ୍ତରେ କମିସନ୍ ଏକ ରିପୋର୍ଟ ପ୍ରସ୍ତୁତ କରିବ । ଭାରତୀୟ ପୋଷକ କାର୍ଯ୍ୟକ୍ରମରେ ମଧ୍ୟ ଏହାକୁ ସାମିଲ କରାଯାଇପାରେ । ମାଛ ଉତ୍ପାଦନରେ ଓଡ଼ିଶା ଅଗ୍ରଣୀ ରାଜ୍ୟ । ତେଣୁ ଏହି ନିଷ୍ପତ୍ତି ଓଡ଼ିଶାକୁ ସୁହାଇବ ବୋଲି କୁହାଯାଉଛି ।

ପଂଚାୟତ ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭ୍ରମାତ୍ମକ ଚିଠି ଲେଖୁଛନ୍ତି ମୁଖ୍ୟମନ୍ତ୍ରୀ

ଚିଠି ଲେଖି ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି ଗରିବ ଲୋକ ଘର ପାଇବାରୁ ବଂଚିତ - ବସନ୍ତ ପଣ୍ଡା

ଭୁବନେଶ୍ୱର,୧୨/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ଚିଠିରେ ମିଛର ଗୁମର ଖୋଲିଛି । ଚିଠିରେ ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି ଯେ ତାଙ୍କ କାରଣରୁ ହିଁ ଗରିବ ଲୋକମାନେ ପକ୍କା ଘର ପାଇବାରୁ ବଂଚିତ ହୋଇଛନ୍ତି । ବିଜେପି ଦୀର୍ଘ ଦିନ ଧରି ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଗରିବ ଲୋକମାନେ ନିଜ ହକ୍ ପାଇବାରୁ ବଂଚିତ ହେବା ନେଇ ଯେଉଁ ଦାବୀ କରି ଆସୁଥିଲା ସେ କଥାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ସତ ବୋଲି ସ୍ୱୀକାର କରିଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା । ଶ୍ରୀ ପଣ୍ଡା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିଜେ ଆଜିର ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାର ଆବାସ ପ୍ଲସ ଅଧୀନରେ ଯୋଗ୍ୟ ଆବାସ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ମାର୍ଚ୍ଚ ୭, ୨୦୧୯ ପର୍ଯ୍ୟନ୍ତ ସମୟ ଦେଇଥିଲେ ଏବଂ ରାଜ୍ୟ ସରକାର ସେ ସମୟ ମଧ୍ୟରେ କେବଳ ୩୫ ହଜାର ହିତାଧିକାରୀ ଚିହ୍ନଟ କରିପାରିଥିଲେ ଏବଂ ଲକ୍ଷାଧିକ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ବିଫଳ ହୋଇଥିଲେ । ଯାହାର ମୁଖ୍ୟ କାରଣ ହେଉଛି ରାଜ୍ୟ ସରକାର ନିଜର ସରକାରୀ କଳକୁ ନିର୍ବାଚନ ପ୍ରସ୍ତୁତି ପାଇଁ ବ୍ୟବହାର କରୁଥିବା ମୁଖ୍ୟମନ୍ତ୍ରୀ ଲେଖିଥିବା ନିଜ ପତ୍ରରେ ଏହା ଦର୍ଶାଇଛନ୍ତି । ଏଥିରୁ ଦିବାଲୋକରେ ସ୍ପଷ୍ଟ ଯେ ରାଜ୍ୟ ସରକାରଙ୍କ କାରଣରୁ ହିଁ ଗରିବ ଲୋକମାନେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ପାଇବାକୁ ବଂଚିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଫନୀ ପ୍ରଭାବିତ ପରିବାରକୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ସ୍କେଶାଲରେ ୧.୮୪ ଲକ୍ଷ ଘର ଦେବା ସହ ଜନଜାତି ଏବଂ କେବିକେ ଅଂଚଳରେ ଗରବ ଲୋକଙ୍କୁ ଯେଉଁ ଘର ଦେବାର ଦାବୀ କରିଛନ୍ତି, ତାହା ଅମୂଳକ । ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଲୋକଙ୍କୁ ଭୂଆଁ ବୁଲାଇବା ସହ ନିଜର ଅପାରଗତା ଏବଂ ଆବଂଟନରେ ହୋଇଥିବା ଦୁର୍ନୀତିକୁ ଲୁଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଭ୍ରମାତ୍ମକ ଚିଠି ଲେଖିଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଏହିପରି ଭାବରେ ଭ୍ରମାତ୍ମକ ଚିଠି ଲେଖିବେ ବୋଲି ରାଜ୍ୟବାସୀ ଜାଣିଛନ୍ତି । ଫନୀ ବାତ୍ୟା ହେବାର ଅଢ଼େଇ ବର୍ଷ ହେଲାଣି । ଏତେ ବର୍ଷ ଭିତରେ ଫନୀ ପ୍ରଭାବିତଙ୍କ କଥା ମୁଖ୍ୟମନ୍ତ୍ରୀଙ୍କ ମନେପଡ଼ିଲା ? ଜନଜାତି ଓ କେବିକେ ଅଂଚଳରେ ଗରିବଙ୍କୁ ଘର ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିପୁଳ ଟଙ୍କା ଦିଆଯିବା ସତ୍ତ୍ୱେ ସେ ଟଙ୍କା ଯାଉଛି କୁଆଡେ ? ବରଗଡ, ବଲାଙ୍ଗିର, ବୌଦ୍ଧ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ ଆଦି ୯ଟି ଜିଲ୍ଲାରେ ଘର ଆବଂଟନ ଶୂନ ଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାକୁ ଏହି ଯୋଜନାରେ ମାତ୍ର ୪ଟି ଘର ଆବଂଟନ କରାଯାଇଛି । ଅଧିକାଂଶ ଘର ନିର୍ମାଣ କାମ ନିମ୍ନମାନର ଥିବା ଜଣାପଡ଼ିଥିବା ବେଳେ ଅନେକ ଘର ଅସମ୍ପୂର୍ଣ୍ଣ ରହିଛି ଯଥା କେତେ ସ୍ଥାନରେ ରୋଷେଇ ଘର ନାହିଁ, ଝରକା ନାହିଁ, ଛାତ ପଡ଼ିନାହିଁ, ଶୌଚାଳୟ ନଥିବା ମଧ୍ୟ ଉକ୍ତ ତଦନ୍ତରୁ ଜଣାପଡ଼ିଥିଲା । ପୂର୍ବ କେନ୍ଦ୍ରୀୟ ରିପୋର୍ଟରୁ ଓଡ଼ିଶା ସରକାରଙ୍କ ଏଥିରୁ ଏହି ଜିଲ୍ଲା ପ୍ରତି ସମ୍ବେଦନଶୀଳତା କ'ଣ ଅଛି ସ୍ପଷ୍ଟ ବାରିହୋଇ ଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଦାବୀ ଅଯୁକ୍ତିକର । ମୁଖ୍ୟମନ୍ତ୍ରୀ ଖାଲି ଚିଠି ଲେଖି ପ୍ରହସନ ନକରି ନିଜର ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ କରନ୍ତୁ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ପ୍ରଦାନ କରିବା ପାଇଁ ନିଜେ ପଦକ୍ଷେପ ଗ୍ରହଣ କରିବାକୁ ସାଂସଦ ଶ୍ରୀ ପଣ୍ଡା ଦାବୀ କରିଛନ୍ତି ।

ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ବିଜୟ ଉତ୍ସବ ପାଳିତ

ଭୁବନେଶ୍ୱର,୧୨/୧୨ (ନି.ପ୍ର): ଦୀର୍ଘଦିନର କୃଷୀ ଆନ୍ଦୋଳନର ଐତିହାସିକ ବିଜୟ ପରେ ଏହି ବିଜୟ ଉତ୍ସବକୁ ଆନୁଷ୍ଠାନିକ ଭାବେ ପାଳନ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ନବନିର୍ମାଣ କୃଷକ ସଂଗଠନ ଓ ଯୁବଛାତ୍ର ସଂଗଠନର ବିଜୟ ଉତ୍ସବ, ସଭା ସମିତି ଶୋଭାଯାତ୍ରା ପାଳିତ ହୋଇଯାଇଛି । ଅଦିନିଆ ବର୍ଷା ଓ ଜଓ୍ୱାଦ ପ୍ରଭାବରେ ଓଡ଼ିଶା କୃଷୀ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବାରୁ ଯଥାଯୋଗ୍ୟ ନିରାଡ଼ମ୍ବର ଭାବରେ ଏହି ଉତ୍ସବକୁ ପାଳନ କରିବା ପାଇଁ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଆହ୍ୱାନ କରିଥିଲେ ।

ଆଜି ଖୋର୍ଦ୍ଧା, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତସିଂହପୁର ଠାରୁ ଆରମ୍ଭ କରି ବଲାଙ୍ଗୀର ପର୍ଯ୍ୟନ୍ତ ବିଭିନ୍ନ ଅଂଚଳରେ କୃଷୀମାନେ ସଭା, ସମିତି କରି ଏହି ଉତ୍ସବକୁ ପାଳନ କରିଛନ୍ତି । ସରକାର ତିନି କଳା କାନୁନ୍ ପ୍ରତ୍ୟାହାର ସହ କୃଷୀମାନଙ୍କ ନାମରେ ଆନ୍ଦୋଳନ ସମୟରେ ହୋଇଥିବା ମୋକଦ୍ଦମା ପ୍ରତ୍ୟାହାର କରିଥିବାରୁ କୃଷୀମାନେ ଖୁସିବ୍ୟକ୍ତ କରିଥିଲେ । କୃଷୀ ଆନ୍ଦୋଳନ ସ୍ୱାଧୀନତା ପରେ ପ୍ରମାଣ କରିଦେଲା ଯେ, ସରକାର ଯେତେ ସଶକ୍ତ ହୁଅନ୍ତୁ, ଗଣମାଧ୍ୟମ ପ୍ରଚାର କରୁ କି ନକରୁ, ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଟଳ ରହିଲେ ଆନ୍ଦୋଳନ ସଫଳ ହୁଏ । ଏହା ପରେ ଏମ୍.ଏସ୍.ପି. ଆଇନରେ ଅନ୍ତର୍ଭୁକ୍ତ କରିବା ପାଇଁ ଯେଉଁ ଦାବି ରହିଛି, ସେ ଦାବିକୁ ସଫଳ କରିବା ପାଇଁ ସଂଯୁକ୍ତ ମୋର୍ଚ୍ଚା ଲଗାତର ସରକାରଙ୍କ ସହ ଆଲୋଚନାରେ ରହିବା ସହ ଏହାର ଅଗ୍ରଗତିକୁ ସମୀକ୍ଷା କରିବ । ସେହିଭଳି ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତିକୁ ସରକାର ଭରଣା ନକଲେ ଆନ୍ଦୋଳନ ବଢିବ ବୋଲି ସେ କହିଛନ୍ତି । ଆଜି ଭୁବନେଶ୍ୱରରେ ଯୁବଛାତ୍ର ସଂଗଠନ ତରଫରୁ ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱାର ଅଲ୍ଲୀ ଓ ଭୁବନେଶ୍ୱର ସଭାପତି ଅମିତ ଜେନାଙ୍କ ନେତୃତ୍ୱରେ ବିଜେବି ନଗରରୁ ଯୁବଛାତ୍ରମାନେ କାର୍ ଓ ବାଇକ୍‌ରେ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ରାଜମହଲ, ମାଷ୍ଟର କ୍ୟାଂଟିନ ଛକ ଦେଇ ପରିକ୍ରମା କରିଥିଲେ । କୃଷୀ ଏକତା ଜିନ୍ଦାବାଦ, ସରକାର ହାରିଲେ, କୃଷୀ ଜିତିଲେ, ଭାରତ ବର୍ଷରେ କୃଷୀ ବିରୋଧୀ କାନୁନ ଚଳିବ ନାହିଁ, ଏମ୍.ଏସ୍.ପି.କୁ ଆଇନ ପରିସରକୁ ଆଣିବା ଆମର ଦାବି ସ୍ଲୋଗାନମାନ ଦେଇଥିଲେ ।

ରେଳ ପ୍ରକଳ୍ପରେ ଜମି ଅଧିଗ୍ରହଣ ବାଧକ

ଭୁବନେଶ୍ୱର ,୧୨/୧୨ (ନି.ପ୍ର): ରେଳ ପ୍ରକଳ୍ପ ଅଗ୍ରଗତିରେ ଜମି ଅଧିଗ୍ରହଣ ଏବେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଏବେ ଚାଲିଥିବା ୧୧ଟି ପ୍ରମୁଖ ରେଳ ପ୍ରକଳ୍ପ ମଧ୍ୟରୁ ଅନୁଗୁଳ-ସୁକିନ୍ଦା ରେଳ ପ୍ରକଳ୍ପ ବ୍ୟତୀତ ଅନ୍ୟ ସମସ୍ତ ପ୍ରକଳ୍ପରେ ଜମି ଅଧିଗ୍ରହଣ ପ୍ରତିବନ୍ଧକ ସାଜିଛି । ବହୁପ୍ରତୀକ୍ଷିତ ଖୋର୍ଧାରୋଡ୍-ବଲାଙ୍ଗୀର ନୂଆ ରେଳ ଲାଇନ୍ ଲାଗି ବୌଦ୍ଧ ଓ ନୟାଗଡ଼ରେ ପ୍ରାୟ ୫୨୪ଏକର ଜମି ଅଧିଗ୍ରହଣ ହୋଇପାରିନାହିଁ । ବଲାଙ୍ଗୀର, ସୋନପୁର, ଖୋର୍ଧା ଜିଲ୍ଲାରେ ପାଖାପାଖି ୧୪ ଶହ ଏକର ଜମି ଅଧିଗ୍ରହଣ ସରିଛି । ବୌଦ୍ଧରେ ଏବେ ସୁଦ୍ଧା ୧୭୪୬ ଏକର ଓ ନୟାଗଡ଼ରେ ୧୧୮୦ ଏକ ଜମି ଅଧିଗ୍ରହଣ ସହ ହସ୍ତାନ୍ତର ହୋଇଛି । ଜୟପୁର-ନବରଙ୍ଗପୁର, ଜୟପୁର-ମାଲଗାନଗିରି ନୂଆ ରେଳ ଲାଇନ୍ ପ୍ରକଳ୍ପର ଜମି ଅଧିଗ୍ରହଣ ଏପର୍ଯ୍ୟନ

ଉପାନ୍ତ ନଛିମପୁର ଠାରେ ଗରିବଙ୍କୁ କମ୍ବଳ ବଣ୍ଟନ

୨୧ ବର୍ଷପରେ ବି ମନେପଡିଲା ଗାଁର ଚିତ୍ର : ବିଦେଶରୁ ଗରିବଙ୍କ ଲାଗି ପଠାଇଲେ ଶୀତ କମ୍ବଳ

ଜଳେଶ୍ୱର, ୧୨/୧୨(ନିପ୍ର): ରାଜ୍ୟର ଉପାନ୍ତ ଗ୍ରାମ ନଛିମପୁରର ଜନୈକ ଯୁବତୀ ସୁଦୁର ଆମେରିକାରେ ରହି ମଧ୍ୟ ୨୧ ବର୍ଷ ତଳର ଗାଁ-ଗରିବ ଲୋକଙ୍କ ଶୀତଦିନିଆ ଦୁଃଖ ଅନୁଭବ କରି ସେମାନଙ୍କ ଲାଗି ପଠାଇଥିବା କମ୍ବଳକୁ ଆଜି ରବିବାର ଗାଁରେ ବଣ୍ଟନ କରାଯାଇଛି । ଉଦ୍ଦିପନା ମଧ୍ୟରେ ଗରୀବ, ରଗ୍ଣ, ଅସହାୟ ବ୍ୟକ୍ତିମାନେ ଏପରି ବସ୍ତ୍ରପାଇ ଆନନ୍ଦିତ ହୋଇଥିବା ବେଳେ ଗାଁର ବହୁ ବରିଷ୍ଠ ସମାଜସେବୀ, ଅବସରପ୍ରାପ୍ତ ଶିକ୍ଷକ ଓ ଗାଁ ମୁଖିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଘଟଣାଟି ଓଡିଶା ଓ ପଶ୍ଚିମବଂଗ ଉପାନ୍ତ ଅଂଚଳରେ ଆଲୋଚ୍ୟର ବିଷୟ ହୋଇଛି । ନଛିମପୁର ପଂଚାୟତର ସେହିଗାଁର ଅମୂଲ୍ୟ ବିଶ୍ୱାଳଙ୍କ ୨ୟ କନ୍ୟା ସୀମା ରଣା (ସେଲି)୨୧ବର୍ଷ ପୂର୍ବରୁ ଜଳେଶ୍ୱରର ଚନ୍ଦ୍ରମୋହନ ରଣାଙ୍କୁ ବିବାହ କରି ଦୁଇପୁଅ ସୁପ୍ରିୟ ଓ ସୁପ୍ରଭଙ୍କ ସହିତ ସୁଦୂର ଆମେରିକାର ବୋଷ୍ଟନ ସହରରେ ରହି ଆସୁଛନ୍ତି । ଚଳିତବର୍ଷ ସୁବର୍ଣ୍ଣରେଖାର ବନ୍ୟା ଓ ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣିରେ ତାଙ୍କ ଗାଁଟି କ୍ଷତିଗ୍ରସ୍ତ ହୋଇଥିବା ଓ ଏବେ ଶୀତଦିନରେ ଦୀର୍ଘଦିନ ବର୍ଷା ଲାଗି ରହିଥିବା ପ୍ରବଳ ଶୀତ ଲହରୀ ଲାଗି ରହିଥିବାରୁ ବହୁ ଗରିବ ଓ ବେସାହାରା କୁଡିଆ ଘରେ ରହୁଥିବା ଲୋକଙ୍କ ଶୋଚନୀୟ ଅବସ୍ଥା ସଂପର୍କରେ ଜାଣିବାକୁ ପାଇଥିଲେ । ତେଣୁ ଗାଁର ଅନନ୍ୟ ସମାଜସେବୀ ତଥା ସାମ୍ବାଦିକ ଦୁର୍ଗାଶଂକର ଗିରିଙ୍କୁ ଯୋଗାଯୋଗ କରି ଏପରି ଗରିବ ଲୋକଙ୍କୁ କମ୍ବଳ ଓ ଶୁଖିଲା ଖାଦ୍ୟ ଦେବା ଓ ପୂଜ୍ୟପୂଜା ସମ୍ବର୍ଦ୍ଧନା ଉତ୍ସବର ବ୍ୟବସ୍ଥା କରାଇଥିଲେ । ଆଜି ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ କବି କାର୍ତ୍ତିକଚନ୍ଦ୍ର ଦାସ ସଭାପତିତ୍ୱ କରି ଉତ୍ସବର ସୂଚନା ପ୍ରଦାନ କରିଥିଲେ । ଆବାହକ ଦୁର୍ଗାଶଂକର ଗିରି ମଂଚଆହ୍ୱାନ ଓ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ବରିଷ୍ଠ ଓ ଦଳିତ ଲୋକେ ଉପେକ୍ଷିତ ଓ ଲାଞ୍ଛିତ ହେଉଥିବା ବେଳେ ଏପରି ସହାୟତା ପ୍ରଣିଧାନଯୋଗ୍ୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ନରୋତ୍ତମ ପ୍ରଧାନ, ତ୍ରିଲୋଚନ ଦାସ ଅଧିକାରୀ, ଅନନ୍ତ ଗିରିଙ୍କ ସହିତ ବହୁ ବରିଷ୍ଠ ନାଗରିକ ବକ୍ତବ୍ୟ ରଖିଥିଲେ । ମୋଟ ୪୨ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିବା ବେଳେ ୨୭ଜଣ ବରିଷ୍ଠ ନାଗରିକଙ୍କୁ ଅଂଗବସ୍ତ୍ର ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗୌରୀଶଂକର ଗିରି, ଦିଲ୍ଲିପ ଗିରି, ନନ୍ଦଦୁଲାଲ ବିଶ୍ୱାଳ, ଅନାଦି ଚରଣ ଗିରି, ହରିଶଂକର ଗିରି, ସଂଜୟ ଦତ୍ତ, ଦେବୁ ଦତ୍ତ, ସଂଗ୍ରାମ ସିଂ, ସବିତା ଗିରି, ସୀମା ଗିରି, ଗିତାଞ୍ଜଳି ଗିରି ପ୍ରମୁଖ ପରିଚାଳନା କରିଥିଲେ ।

ମଝିରାସ୍ତାରେ ଭଙ୍ଗାଖୁଂଟି ପକାଇ ହମ୍ପସ୍ ନିର୍ମାଣ

ନୀଳଗିରି, ୧୨/୧୨ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରି ଲୋକମାନଙ୍କ ଜୀବନ ସହ ଖେଳୁଛନ୍ତି ଠିକାଦାର । ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ନା ଅଛି ତାଗିଦ ନା ନେଉଛନ୍ତି କାର୍ଯ୍ୟାନୁଷ୍ଠାନ । ମଝିରାସ୍ତାରେ ଭଙ୍ଗା ସିମେଂଟଖୁଂଟ ପକାଇ ହମ୍ପସ ନିର୍ମାଣ କରିବା ନେଇ ଲୋକଙ୍କ ଜୀବନକୁ ବିପଦରେ ପକାଇଛି । ଏଭଳି ଘଟଣା ସେରଗଡ଼-ଉଦଳା ରାଜ୍ୟରାଜପଥ ସଜନାଗଡ଼ ଅଂଚଳରେ ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ନୀଳଗିରି ପୂର୍ତ୍ତବିଭାଗ ଦ୍ୱାରା ସଜନାଗଡ଼ ଅଂଚଳରେ ଘାଘରା ନଦୀ ଉପରେ ୩କୋଟି ୭୩ଲକ୍ଷ ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ ହେଉଅଛି । ଆଜକୁ ୩ବର୍ଷ ପୂର୍ବେ ଏହି ପୋଲ ନିର୍ମାଣ କାର୍ଯ୍ୟନେଇ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଶିଳାନ୍ୟାସ କରିଥିଲେ । ହେଲେ ଏହି ପୋଲ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇ ପାରି ନାହିଁ । ବାରମ୍ବାର ତାଗିଦ ପରେ ଠିକାଦାର କିଛି ଦିନ ପୂର୍ବରୁ ଏହି ପୋଲ କାମ ଆରମ୍ଭ କରିଛି । ସରକାରଙ୍କ ନିୟମ ଅନୁସାରେ ଏହି ବିପଦପୂର୍ଣ୍ଣ କାର୍ଯ୍ୟ ରାଜ୍ୟରାଜପଥରେ ଚାଲୁଥିବା ବେଳେ ଉଭୟ ସାଇଡରେ ନାଲିପତାକା ମାରିବା ସହ ଟ୍ରାଫିକ ପାଇଁ ଲୋକଙ୍କୁ ନିଯୁକ୍ତି ଦେବା କଥା । ହେଲେ ଏହି ନିୟମ ମାନିବାତ ଦୂରରକଥା, ରିଜେକ୍ଟ ହୋଇ ପଡ଼ିଥିବା ସିମେଂଟ ଖୁଂଟକୁ ଆଣି ରାସ୍ତା ମଝିରେ ପୋଲର ଦୁଇ ପାଖରେ ପକାଇ ତାଉପରେ ମାଟି ପକାଇ ସିମେଂଟ ଖୁଂଟ ଧାରରେ ବାଇକ ଆରୋହୀ ଓ ସାଇକେଲ ଆରୋହୀ କୁଟି ଯିବା ଫଳରେ କଷ୍ଟଡ଼ି ପଡୁଥିବା ଜଣାପଡ଼ିଛି ।

ଓଡିଶା ଡ୍ରାଇଭର ମହାସଂଘରେ ଯୋଗ ଦେଲେ ଜଳେଶ୍ୱରରୁ ୩୫୦ ଡ୍ରାଇଭର

ଜଳେଶ୍ୱର, ୧୨/୧୨(ନିପ୍ର): ସଙ୍ଗମ୍ ଶଣରଂ ଗଚ୍ଛାମି ନିତୀ ଗଣତନ୍ତ୍ର ରାଷ୍ଟ୍ରରେ ନାର୍ଯ୍ୟ ଦାବି ପୂରଣ ଲାଗି ଏକ ନିଆରା ପରମ୍ପରା ରହିଆସିଛି । ଅଦ୍ୟାବଧି ଡ୍ରାଇଭରମାନେ ସଂଘବଦ୍ଧଭାବେ ରାଜ୍ୟରେ କାର୍ଯ୍ୟ କରୁନଥିବା ବେଳେ ଏଣିକି ସମଷ୍ଟିଗତଭାବେ କାର୍ଯ୍ୟ କରିବାଲାଗି ଗଠିତ ହୋଇ ଓଡିଶା ଡ୍ରାଇଭର ମହାସଂଘ । କରୋନା ତାଲାବନ୍ଦ ପରେ ନିଜର ଦୁଃଖ କଷ୍ଟ ଓ ସଂଘଗତ ସ୍ଥିତି ବୃଦ୍ଧି କରିବାଲାଗି ସଂଘ ପକ୍ଷରୁ ହୋଇଥିବା ଦାବି ମଧ୍ୟରୁ ୮ଦଫା ଦାବୀ ସରକାର ପୂରଣ କରିଛନ୍ତି । ଆଗକୁ ଆଉକିଛି ଦାବି ପୂରଣ ଲାଗି ରାଜ୍ୟ ସଂଘର ଶକ୍ତିବୃଦ୍ଧି ଲାଗି ଜଳେଶ୍ୱରର ୩୫୦ ଡ୍ରାଇଭର ମହାସଂଘରେ ସମ୍ମିଳିତ ହୋଇଛନ୍ତି । ଆଜି ସୁବର୍ଣ୍ଣରେଖା ନଦୀକୂଳ ବିଜୁସେତୁ ଶିଖରପୁର ନିକଟରେ ସେମାନେ ସମ୍ମିଳିତ ହୋଇ ନିଜର ଦାବି ସଂପର୍କରେ ଆଲୋଚନା କରିଥିଲେ । ଏଥିରେ ଆବାହକ ଚନ୍ଦନ ଭଟାଚାର୍ଯ୍ୟ, ସଭାପତି ସପନ କୁମାର ଜେନା, ସଂପାଦକ ଅଶୋକ ଗିରି, କମଳ ଲୋଚନ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ପାଳ, ସଂଚୟ କୁମାର ପାତ୍ର, ରାଜୀବ ଅଣ୍ଡିଆ, ସତ୍ୟନାରାୟଣ ସେନାପତି, କାର୍ତ୍ତିକ ମହାନ୍ତି ଓ ଗୋପାଳ ଦାସଙ୍କ ନେତୃତ୍ୱରେ ଏପରି ସାମଗ୍ରୀକ କାର୍ଯ୍ୟ ଚାଲୁଥିବା ସଂପର୍କରେ ସୂଚନା ଦେଇଛନ୍ତି ।

କିଡନୀ ରୋଗରେ ମୃତକଙ୍କ ପରିବାରକୁ ଯୁବ ସ୍ୱାଭିମାନର ସହାୟତା

କେନ୍ଦ୍ରାପଡ଼ା, ୧୨/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ବଗଡା ପଂଚାୟତର ଅରଡା ସାହି ଗ୍ରାମର ବିଜୟ ବିଶ୍ୱାଳଙ୍କ ଅସହାୟ ପରିବାରକୁ ସ୍ୱଚ୍ଛାସେବୀ ଅନୁଷ୍ଠାନ ଯୁବ ସ୍ୱାଭିମାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ଅରଡା ସାହି ଗ୍ରାମର ସ୍ୱର୍ଗତଃ ବିଜୟ ବିଶ୍ୱାଳ ଗତ କିଛିଦିନ ତଳେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି । ତାଙ୍କ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ । ମୃତକଙ୍କ ପୁଅଙ୍କ ପାଠପଢା ଦାୟିତ୍ୱ ୟୁନିଭର୍ସାଲ ସ୍କୁଲ ନେଇଥିବା ତାଙ୍କ ପରିବାରକୁ ସୂଚନା ଦିଆଯାଇଛି । ଯୁବ ସ୍ୱାଭିମାନ ପକ୍ଷରୁ ୫ ହଜାର ୫୦୦ ଟଙ୍କାର ଆର୍ଥିକ ସହାୟତା ତାଙ୍କ ପରିବାରକୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବ ସ୍ୱାଭିମାନର ପ୍ରତିଷ୍ଠାତା ସିପୁନ ଜେନା, ମନୋଜ କୁମାର ଓଝା, ପ୍ରତ୍ୟୁଷ କୁମାର ରାଉଳ, ମନୋଜ ସାହୁ, ଦେବଦତ ମହାନ୍ତି, ଦିପକ କୁମାର ସ୍ୱାଇଁ, ଅକ୍ଷୟ କୁମାର ବିଶ୍ୱାଳ, ଶ୍ରୀଧର ସ୍ୱାଇଁ, ନିତିଶ କୁମାର ଖୁଣ୍ଟିଆ, ମୁକେଶ ଦାସ ପ୍ରମୁଖ ସହାୟତା କରିଥିଲେ ।

ଚୁହାଳ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ଦାବି

ବାରିପଦା, ୧୨/୧୨ (ନି.ପ୍ର): ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦିଆଯାଇପାରିବ ନାହିଁ ବୋଲି ସଂସଦରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ କହିବାପରେ, ସାଶକ ବିଜେଡି ବିରୋଧୀ ଦଳଙ୍କୁ ଚକମା ଦେଇ ବିଧାନ ସଭା ଚଳାଇବାରେ ମୁଖ୍ୟ ପ୍ରସଙ୍ଗ ଗୁଡିକୁ ଏଡାଇ ଦେବାପାଇଁ ପାଇକ ବିଦ୍ରୋହ ଇସ୍ୟୁକୁ ନେଇ ଯେଉଁ ଆନ୍ଦୋଳନ କଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜେଏମଏମ ମୟୂରଭଞ୍ଜ ଯୁବ ସଭାପତି ଅର୍ଜୁନ ମୁର୍ମୁ ଏକ ପ୍ରେସ ବିବୃତି ମାଧ୍ୟମରେ କହିଛନ୍ତି । ପାଇକ ବିଦ୍ରୋହ ପୂର୍ବରୁ ଭାରତବର୍ଷରେ ଇଂରେଜ ସରକାର ବିରୁଦ୍ଧରେ ବହୁତ ଗୁଡିଏ ବିଦ୍ରୋହ ଦେଖା ଦେଇଥିଲା । ସେଥିମଧ୍ୟରୁ ପ୍ରଥମ ଚୂହାଳ ବିଦ୍ରୋହ ରଘୁନାଥ ମହତୋଙ୍କ ନେତୃତ୍ୱରେ ୧୭୬୯-୧୮୩୨ ମସିହା ଏବଂ ୧୭୮୧-୧୭୮୫ ମସିହାରେ ବାବା ତିଲକା ମାଝୀଙ୍କ ନେତୃତ୍ୱରେ ଇଂରେଜଙ୍କ ବିରୁଦ୍ଧରେ ମୁକ୍ତି ସଂଗ୍ରାମ ସଂଗଠିତ ହୋଇଥିଲା । ଅତୀତରେ ଇଂରେଜ ମାନଙ୍କ ଅଧିକାର ଓ ପ୍ରଭୁତ୍ୱକୁ ପ୍ରତିରୋଧ କରିବାର ଅନେକ ଐତିହାସିକ ଘଟଣା ରହିଛି ଏବଂ ସର୍ବପ୍ରଥମେ ୧୭୬୯ - ୧୭୮୫ ମସିହା ପର୍ଯ୍ୟନ୍ତ ତତ୍କାଳୀନ ଛୋଟନାଗପୁର ପ୍ରଦେଶରେ ବହୁ ଲୋମ ହର୍ଷଣକାରୀ ବିଦ୍ରୋହ ସଂଗଠିତ ହୋଇଛି । ୧୭୫୭ ମସିହା ପଲାସି ଯୁଦ୍ଧରେ ବଙ୍ଗର ନବାବଙ୍କୁ ଗାଦିଚ୍ୟୁତ କରି ସମୁଦାୟ ଅଂଚଳ ଇଂରେଜ ନିଜ ଅଧିନକୁ ନେବା ଏବଂ ଉକ୍ତ ଅଂଚଳରେ ଆବହମାନ କାଳରୁ ଗୋଷ୍ଠୀଗତ ଜୀବନ ଯାପନ ଓ ସ୍ୱ-ଶାସନ ପଦ୍ଧତି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଜୀବନ ବିତାଉଥିବା ଆଦିବାସୀଙ୍କ ଅଧିକୃତ ଜମି ଓ ତାଙ୍କ ଫସଲ ଉପରେ କର ଖଜଣା ଓ ତାଙ୍କ ସ୍ୱ-ଶାସନ ବ୍ୟବସ୍ଥାରେ ହସ୍ତକ୍ଷେପ କରିବା ବିରୁଦ୍ଧରେ ସର୍ବପ୍ରଥମେ ୧୭୬୯ ରେ ଚୂହାଳ ବିଦ୍ରୋହ ସଂଗଠିତ ହୋଇ ଇଂରେଜ ମାନଙ୍କୁ ପ୍ରତିହତ କରି ଦୀର୍ଘବର୍ଷ ପର୍ଯ୍ୟନ୍ତ ବିଦ୍ରୋହ ଚଳାଇ ରଖିଥିଲେ । ସେଥିରେ ହଜାର ହଜାର ସଂଖ୍ୟାରେ ଆଦିବାସୀ ମାନେ ପ୍ରାଣବଳୀ ଦେଇଛନ୍ତି । କିନ୍ତୁ ଦୁଃଖର ବିଷୟ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଆଦିବାସୀଙ୍କ ଏହି ବୀରତ୍ୱର କଥା ଉଲ୍ଲେଖ କରୁ ନାହାନ୍ତି । ଜାଣିଶୁଣି ଆଦିବାସୀ ମାନଙ୍କ ଅସ୍ମିତାକୁ ନଷ୍ଟ କରାଯାଉଛି । ତେଣୁ ଏହି ପ୍ରସଙ୍ଗରେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇ ଆଦିବାସୀଙ୍କ ଇତିହାସକୁ ପର୍ଯ୍ୟାଲୋଚନା କରାଯାଉ ଏବଂ ଚୂହାଳ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦିଆଯାଉ ବୋଲି ଝାଡଖଣ୍ଡ ଯୁବମୋର୍ଚ୍ଚା ପକ୍ଷରୁ ଦୃଢ ଦାବୀ କରାଯାଇଛି ।

ପଂଚାୟତ ନିର୍ବାଚନ ପୂର୍ବରୁ ରାଇବଣିଆ ମଣ୍ଡଳରେ ବିଜେପିର ବୈଠକ

ଜଳେଶ୍ୱର, ୧୨/୧୨(ନିପ୍ର): ଆଗାମୀ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପିର ରାଇବଣିଆ ମଣ୍ଡଳର ସଭାପତି ମନୋଜ ସାସମଲଙ୍କ ଅଧ୍ୟକ୍ଷତାରେ କାଳିକ ପଂଚାୟତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ୭ ନଂ ମଣ୍ଡଳ ର ସାଂଗଠନିକ କାର୍ଯ୍ୟ ମଜବୁତ୍ କରିବାଲାଗି ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ଉପସ୍ଥିତ କର୍ମୀମାନଙ୍କୁ ବିଜମନ୍ତ୍ର ଦେଇଥିଲେ । ଜଳେଶ୍ୱର ବ୍ଲକରେ ଅଧିକ ସରପଂଚ ଓ ସଦସ୍ୟ, ୱାର୍ଡ ସଦସ୍ୟର ବିଜୟ ବିଜେପିର ଏକମାତ୍ର ଲକ୍ଷ୍ୟ ବୋଲି ଶ୍ରୀ ମହାନ୍ତି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଣିଦାସ ମହାପାତ୍ର, ଯୁବନେତା ଦିବ୍ୟକାମ ମହାନ୍ତି, ସିଦ୍ଧାର୍ଥ ଶଂକର ପାଳ, ତପନ ବିଶ୍ୱାଳ, ମାନସ ଦାସମହାପାତ୍ର, ପ୍ରଣବ ପଣ୍ଡା, ଅଚ୍ୟୁତ ମହାନ୍ତି, ନିତ୍ୟାନନ୍ଦ ଦାସ ଓ ଜଗନ୍ନାଥ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୧,୮୯,୪୫୯ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ, ୧୨/୧୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୧,୮୯,୪୫୯ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୬୫,୫୮,୧୬,୭୫୯ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ୟୁପିରେ କେନ୍ଦ୍ରୀୟ ବିଦ୍ୟାଳୟର....

ଉଦ୍‌ଘାଟନ ପାଇଁ ସମସ୍ତ ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭକାମନା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଲୋକାର୍ପିତ ଏହି ବହୁମୁଖୀ ହଲ୍ ଯୁବ ବର୍ଗ, ବିଦ୍ୟାର୍ଥୀ ଏବଂ ଜନସାଧାରଣମାନେ ଉପକୃତ ହେବେ । ଏଠାରେ ପିଲାମାନେ କ୍ରୀଡ଼ା, ସହ ପାଠ ପଢ଼ି ପାରିବେ । ସେମାନଙ୍କ କୌଶଳ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଇପାରିବ । ଏହାସହ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟଏହି ହଲରେ ଆଦି ହେବାର ବ୍ୟବସ୍ଥା ରହିଛି । ଆଗାମୀ ଦିନରେ ଏହି ବହୁମୁଖୀ ହଲ୍ ଶିକ୍ଷା ଏବଂ ଦକ୍ଷତାର ମନ୍ଦିର ହେବ । ଚନ୍ଦୌଲିର ଯୁବକ ଶିକ୍ଷା ଏବଂ ଦକ୍ଷତା ସହ ଯୋଡ଼ିହେବା ଭଳି ସ୍ଥାନୀୟ ଲୋକଙ୍କ ଆକାଂକ୍ଷା ରହିଥିବା ବେଳେ ଆଗାମୀ ଦିନ ମାନଙ୍କର ଏହି ବିଦ୍ୟାଳୟକୁ ଆହୁରି ଅଧିକ ଭବ୍ୟ କରାଯିବ । ୨୦୨୨ ଜାନୁଆରୀ ମାସରେ ବିଦ୍ୟାଳୟ ପରିସରରେ ଏକ ଦକ୍ଷତା କେନ୍ଦ୍ର ମଧ୍ୟ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଶୀ ବିଶ୍ୱନାଥ ଧାମରେ ଭବ୍ୟତାର ନୂଆ ରୂପରେଖର ଲୋକାର୍ପଣ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନନ୍ତ ପ୍ରୟାସ ଏବଂ ଜନଆସ୍ଥା କାରଣରୁ ଆଜି ୨୫୦ ବର୍ଷ ପରେ କାଶୀ ବିଶ୍ୱନାଥ ଧାମର ପୁନଃନିର୍ମାଣ ହେଉଛି । ଆସନ୍ତାକାଲି ଦିବ୍ୟ କାଶୀ ଭବ୍ୟକାଶୀର ଲୋକାର୍ପଣ ଏବଂ ଆଜି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ନଗର - ଚନ୍ଦୌଲିର କେନ୍ଦ୍ରୀୟ ବିଦ୍ୟାଳୟରେ ସୁନ୍ଦର ନବନିର୍ମିତ ବହୁମୁଖୀ ସମ୍ମି ଳନୀ କକ୍ଷର ଉଦ୍‌ଘାଟନ ଜନସାଧାରଣଙ୍କୁ ଅତ୍ୟନ୍ତ ଗୌରବାନ୍ୱିତ କରିଛି । ଭାରତକୁ ସ୍କିଲ କ୍ୟାପିଟାଲ କରିବା, ଯୁବକଙ୍କୁ ଉଦ୍ୟମୀ ଏବଂ ରୋଜଗାର ସହ ଯୋଡ଼ିବା ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି । ସ୍କିଲ ଗ୍ୟାପକୁ ଚିହ୍ନଟ କରିବା ପାଇଁ ଜିଲ୍ଲା ଦକ୍ଷତା କମିଟି ଗଠନ କରାଯାଇଛି । ଭେଲ୍ ହେଉ କିମ୍ବା ରେଲ୍ କିମ୍ବା ଚନ୍ଦୌଲିର ଟେକ୍ସଟାଇଲର ବ୍ୟବସାୟ ; ଜିଲ୍ଲାର ନାଗରିକ ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

କଂଗ୍ରେସ ଭବନରେ ମାଡ ଘଟଣାର....

ଚାଲେଂଜ ଦେଇ କହିଛନ୍ତି ଯେ କଂଗ୍ରେସ କର୍ମୀ ପଥର ମାରିବା ପ୍ରମାଣିତ କଲେ ସେ ରାଜନୀତି ଛାଡିଦେବେ । ହେଲେ ତାହା ପ୍ରମାଣିତ କରିନପାରିଲେ ପୋଲିସ କମିଶନର ତାଙ୍କ ଚାକିରି ଛାଡିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି । ପୋଲିସ କଂଗ୍ରେସ ଭବନ ଭିତରକୁ ଢେଲା ମାରିଛି । ତେଣୁ ପୋଲିସ କମିଶନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି । ଉଲ୍ଲେଖନୀୟ ଯେ ଗତକାଲି ପିସିସି ଅଫିସରେ ପଶି ପୋଲିସର ମାଡ଼ ମାରିଥିଲା । ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଥିଲା କଂଗ୍ରେସ । କଂଗ୍ରେସ ମାମଲାର ନ୍ୟାୟିକ ତଦନ୍ତ କରିବାକୁ ଦାବି କରିଥିଲା । ପୋଲିସ୍ ମାନବାଧିକାର ଉଲ୍ଲଂଘନ କରିଛି । ଗୋଡ଼ାଇ ଗୋଡ଼ାଇ ପିଟିବା, ପିସିସି ଅଫିସ୍ ଭିତରେ ଆତଙ୍କ ଖେଳାଇବା ଭଳି କାର୍ଯ୍ୟ ପୋଲିସ୍ କରିଛି ବୋଲି କଂଗ୍ରେସ ପକ୍ଷରୁ କୁହା ଯାଇଥିଲା ।

ଭୁବନେଶ୍ୱରରୁ ଗିରଫ ହେଲା....

ପୋଲିସକୁ ଜଣାପଡ଼ିଛି ଯେ, ଏହି ଗ୍ୟାଙ୍ଗ ଫାଇନାନ୍ସ କମ୍ପାନୀରୁ ସ୍କ୍ରାପ୍ ଗାଡ଼ି କିଣନ୍ତି ଓ ସେହି ଗାଡ଼ିରୁ ରେଜିଷ୍ଟ୍ରେସନ୍ ନମ୍ବର ପ୍ଲେଟ୍ ବାହାର କରି କବାଡ଼ିଆକୁ ବିକ୍ରି କରିଦେଇଥାଆନ୍ତି । ବାହାର କରିଦେଇଥିବା ନମ୍ବର ପ୍ଲେଟ୍ଟୁ ଚୋରା ଗାଡ଼ିରେ ଲଗାଇ କମ୍ ଦାମରେ ଲୋକଙ୍କୁ ବିକ୍ରି କରିଥାଆନ୍ତି । ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ସେନେଇ ଅଧିକା ତଦନ୍ତ କରୁଛି କମିଶନରେଟ୍ ପୋଲିସ । ତେବେ ଏହି ଗ୍ୟାଙ୍ଗ ଠାରୁ ଚୋରା ଗାଡ଼ି କିଣିଥିବା ଲୋକଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି ଏସସିପି ସଂଜିବ ଶପୂଥୀ ।

ଗଞ୍ଜାମ ପାଇଁ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର....

ଦୂରଦର୍ଶୀ ନେତୃତ୍ୱର ଉଚ୍ଚପ୍ରଶଂସା କରି ଓଡ଼ିଶାର ଯୋଜନା କିପରି ଅନ୍ୟ ରାଜ୍ୟ ତଥା କେନ୍ଦ୍ର ସରକାର ଅନୁକରଣ କରୁଛନ୍ତି ତାର ଉଦାହରଣ ଦେଇଥିଲେ। ଏମ୍ ପି ଚନ୍ଦ୍ରଶେଖର ସାହୁ ,ଏମ୍ ପି ଶ୍ରୀମତୀ ପ୍ରମିଳା ବିଶୋଇ , ବିଧାୟକ ଶ୍ରୀ ବିକ୍ରମ ପଣ୍ଡା ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ

ବାଲେଶ୍ୱର, ସୋମବାର, ୧୩ ଡିସେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଦିବଂଗତ ସିଡିଏସ ଓ ଯବାନଙ୍କ ଉଦ୍ଦେଶ୍ୟରେ ନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୨/୧୨ (ନି.ପ୍ର): ହେଲିକେପ୍ଟର ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଦେଶର ୩ ସେନାର ମୁଖ୍ୟ ସିଡିଏସ ଜେନେରାଲ ବିପିନ ରାୱତ ଓ ତାଙ୍କ ଧର୍ମପତ୍ନୀ ମଧୁଲିକା ରାୱତଙ୍କ ସମେତ ଅନ୍ୟ ୧୩ ଜଣଙ୍କ ଉଦ୍ଦେଶ୍ୟରେ ନିଷ୍ଠ +୨ ବିଜ୍ଞାନ ଓ କଳା ମହାବିଦ୍ୟାଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ଏନେଇ ଅନୁଷ୍ଠାନର ଚାନ୍ଦିପୁର ରୋଡ଼ସ୍ଥିତ କ୍ୟାମ୍ପସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ବିଭାଗ ନାସିକ୍ ରେଜିମେଣ୍ଟର କର୍ଣ୍ଣେଲ ତଥା ଯୋଗ କ୍ଷେତ୍ରରେ ବିଶ୍ୱସ୍ତରୀୟ ରେକର୍ଡ଼ ସୃଷ୍ଟିକାରୀ ଲକ୍ଷ୍ମୀଧର ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭାରତୀୟ ଯବାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଜେନେରାଲ ରାୱତଙ୍କ ସମେତ ଅନ୍ୟ ଯବାନଙ୍କ ପରଲୋକ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି ସେ କହିଥିଲେ । ଦେଶ୧୩ଟି ରତ୍ନକୁ ହରାଇଲା ବୋଲି କର୍ଣ୍ଣେଲ ଭୂୟାଁ ମତ ପ୍ରକାଶ କରିଥିଲେ । ଓଡ଼ିଆ ଯାତ୍ରା ଜଗତର ଖ୍ୟାତନାମା ଅଭିନେତା ସମରେନ୍ଦ୍ର କୁମାର ପଣ୍ଡା (ବାପି ପଣ୍ଡା) ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ଘଟଣାରେ ପ୍ରତିରକ୍ଷା ବିଭାଗ ୩ ସେନାର ମୁଖ୍ୟଙ୍କ ସମେତ ଅନ୍ୟ ୧୩ କର୍ମଚାରୀ ଓ ଅଧିକାରୀଙ୍କ ମୃତ୍ୟୁ ଏ ଦେଶ ପାଇଁ ବଡ଼ କ୍ଷତି ବୋଲି କହିଥିଲେ । ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ କରି ନିଷ୍ଠ ଆବାସିକ ମହାବିଦ୍ୟାଳୟ ମାନବିକତାର ନିଦର୍ଶନ ଦେଖାଇଛି । ଅନ୍ୟମାନଙ୍କ ପାଇଁ ଏହା ଉଦାହରଣ ହୋଇଥିବା ବେଳେ ଜାତୀୟତାବୋଧ ସୃଷ୍ଟିରେ ନିଶ୍ଚିତ ସହାୟକ ହୋଇଛି ବୋଲି ଶ୍ରୀ ପଣ୍ଡା ମତ ଦେଇଥିଲେ । 'ଅଗ୍ନିଡ଼େଣା'ବିନ ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦେଶର ସର୍ବୋଚ୍ଚ ସେନାମୁଖ୍ୟ ଅନ୍ୟ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେବା ଉଚିତ । ସେମାନଙ୍କ ଆତ୍ମାର ସଦଗତି ପାଇ ଟିକିଏ ପ୍ରାର୍ଥନା କରି ନପାରିଲେ ଆମ ଜୀବନ ବ୍ୟର୍ଥ ବୋଲି ସେ ମତ ପ୍ରକାଶ କରିଥିଲେ । ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ଚନ୍ଦନ କୁମାର ନାୟକ ଏବଂ କେଶବ ନାୟକ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

'ସହାୟକ'ର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୧୨/୧୨ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ'ର ଆସନ୍ତା ଦୁଇବର୍ଷ ପାଇଁ ନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ପରିପ୍ରକ୍ଷୀରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂ. ସୁରେନ୍ଦ୍ର ନାଥ ଦାସ ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ସଭାପତି ଧୀରେନ୍ଦ୍ର ନାରାୟଣ ଦାସଙ୍କୁ ତାଙ୍କର ଜୀବନବ୍ୟାପୀ ତ୍ୟାଗ ଓ ସମାଜସେବା ପାଇଁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ନବ ନିର୍ବାଚିତ ସାଧାରଣ ସମ୍ପାଦକ ବିଜୟ ଦାସ ଗ୍ରହଣ କରିଥିଲେ । ଆଗାମୀ ଦିନରେ ମଧ୍ୟ ଏହି ଅନୁଷ୍ଠାନ ସେବାକାର୍ଯ୍ୟ କରି ସମସ୍ତଙ୍କର ବିଶ୍ୱାସ ଭାଜନ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ବ୍ୟକ୍ତି ସ୍ୱାର୍ଥଠାରୁ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେବା, ପରସ୍ପରକୁ ଭଲପାଇବା, ନିଜେ ଜଣେ ସଚ୍ଚୋଟ ଓ ତ୍ୟାଗପୂତ ଜୀବନଯାପନ କରି ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଧୀରେନ୍ଦ୍ର ନାରାୟଣ ଦାସ ଉପସ୍ଥିତ ସଦସ୍ୟମାନଙ୍କୁ ସପଥ ପାଠ କରାଇଥିଲେ । ଇଂ. ବନମାଳି ନାୟକ, ସମେତ ଦୀନବନ୍ଧୁ ଲେଙ୍କା, ଗୌରାଙ୍ଗ ପାଣିଗ୍ରାହୀ, କ୍ଷିତୀଶ୍ୱର ଦାଶ, ନିରଞ୍ଜନ ପରିଡ଼ା, ସଚୀନ୍ଦ୍ର ଦାସ, ଅକ୍ଷୟ ତ୍ରିପାଠୀ, ଦିବାକର ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆସନ୍ତା ଷୋଡ଼ଶ ସମ୍ମିଳନୀରେ ସହଯୋଗ ଓ ଆସନ୍ତା ନେତାଜୀ ସୁବାସ ବୋଷଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥି ସହିତ ସଂଗଠନର କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ । ପ୍ରଫୁଲ କୁମାର ଦାସ, ବେଣୁଧର ପାଳ, ସୁରେନ୍ଦ୍ର ଧଳ, ଭବେଶ ପଣ୍ଡା, ସେଖ ଆଲାଉଦ୍ଦିନ, ପ୍ରଣିତା ମିଶ୍ର, ଗୋପାଳ ଜେନା, ବଳରାମ ବେହେରା, ଶଶାଙ୍କ ଦତ୍ତ, ଡ. ତାରାକାନ୍ତ ନନ୍ଦ, ବସନ୍ତ ନାୟକ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଯୋଗେଶ ପ୍ରଧାନ ଓ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସାବିତ୍ରୀ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଅଧ୍ୟାପକ ଅମ୍ବରୀଶ ଦିଣ୍ଡାଙ୍କ ପିତା କାଳିକୁମାର ଦିଣ୍ଡାଙ୍କ ବିୟୋଗ

ବାଲେଶ୍ୱର, ୧୨/୧୨ (ନି.ପ୍ର): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟାପକ ତଥା ପ୍ରାବନ୍ଧିକ ଡ.ଅମ୍ବରୀଶ ଦିଣ୍ଡାଙ୍କର ପିତା କାଳିକୁମାର ଦିଣ୍ଡାଙ୍କର ୧୧ତାରିଖ ରାତି ୩.୧୫ମିନିଟ୍ ସମୟରେ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଭୋଗରାଇର ଶଙ୍ଖାରି ନିକଟବର୍ତ୍ତୀ ଚକସରବଣୀ ଗ୍ରାମରେ ୧୯୩୮ ମସିହା ସେପ୍ଟେମ୍ବର ୧୬ତାରିଖରେ ପିତା ପ୍ରହ୍ଲାଦ ଚନ୍ଦ୍ର ଦିଣ୍ଡା ଓ ମାତା ବିଷ୍ଣୁପ୍ରିୟା ଦିଣ୍ଡାଙ୍କର ଏହି ସୁପୁତ୍ର ଭୋଗରାଇ ସୀମାନ୍ତବର୍ତ୍ତୀ ବି.ଏସ୍.ଏକାଡ଼େମୀ କଖଡ଼ାରୁ ମାଟ୍ରିକ୍, ଫକୀରମୋହନ ମହାବିଦ୍ୟାଳୟରୁ ଗ୍ରାଜୁଏସନ୍ ଶିକ୍ଷାଲାଭ ପରେ କୋପରେଟିଭ୍ ଏକ୍ସଟେନ୍ସନ୍ ଅଫିସର୍ ଭାବେ ଝଙ୍କିରିରେ ଯୋଗଦେଇ ସବ୍‌ଏସିଷ୍ଟାଣ୍ଟ ରେଜିଷ୍ଟର ଭାବେ ବାଲେଶ୍ୱରରୁ ଅବସର ଗ୍ରହଣ ପରେ ମଲ୍ଲିକାଶପୁର ଗ୍ରାମରେ ସ୍ଥାୟୀ ଭାବେ ଅବସ୍ଥାନ କରିଆସୁଥିଲେ । ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଅନେକଙ୍କର ଥିଲେ ପ୍ରିୟ । ମୃତ୍ୟୁ ସମୟରେ ତାଙ୍କର ସ୍ତ୍ରୀ ସାବିତ୍ରୀ, କନ୍ୟା ଗୀତାଞ୍ଜଳି, ପୁତ୍ର ଅରିନ୍ଦମ୍, ଅମ୍ବରୀଶ, ଅଭିଜିତ୍, ଅଭିରାମ ଓ ଅରବିନ୍ଦ, ପୁତ୍ରବଧୂ, ଝାନ୍‌ସୀ, ଦେବସ୍ମିତା, ଶର୍ବାଣୀ ଏବଂ ନାତିନାତୁଣୀମାନେ ଉପସ୍ଥିତ ରହିଥିଲେ । ଅନ୍ତିମସଂସ୍କାର ନିମନ୍ତେ ତାଙ୍କର ପୈତୃକଗ୍ରାମ ଭୋଗରାଇର ଚକସରବଣୀକୁ ଆଜି ସକାଳେ ନିଆଯାଇ ସେଠାରେ ଅନ୍ୟମାନଙ୍କର ଶେଷଦର୍ଶନ ନିମନ୍ତେ ରଖାଯାଇ ପରେ ମୁଖାଗ୍ନି ଦିଆଯାଇଥିଲା । ତାଙ୍କର ବିୟୋଗରେ ଅନେକ ବ୍ୟକ୍ତିଙ୍କ ସମେତ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ଗଭୀର ଶୋକ ପ୍ରକାଶ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇ ପିତୃବିୟୋଗ ଭଳି ଅବର୍ଣ୍ଣନୀୟ ଦୁଃଖକୁ ପରିବାରବର୍ଗ ସହିବା ନିମନ୍ତେ ପ୍ରଭୁ ସହାୟକ ହୁଅନ୍ତୁ ବୋଲି କହିଛନ୍ତି ।

କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୨ ଗିରଫ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୧୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୧୭,୫୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

୧୧ ପଞ୍ଚାୟତରେ କାର୍ଡ ବଣ୍ଟନ କଲେ ପର୍ଯ୍ୟଟନ ମନ୍ତ୍ରୀ

ଖଇରା, ୧୨/୧୨ (ନି.ପ୍ର): ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ରବିବାର ଦିନ ବାଲେଶ୍ୱର ଜିଲା ଖଇରା ବ୍ଲକର ୧୧ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଛନ୍ତି । ମହତୀପୁର ପଞ୍ଚାୟତ କଣ୍ଟାପଡା ୟୁଜିୟୁପି ସ୍କୁଲରେ ଆୟୋଜିତ ବଣ୍ଟନ କାର୍ଯ୍ୟକ୍ରମରେ ବ୍ଲକ ଏକାଉଣ୍ଟସ୍ ଅଫିସର ମାଧବାନନ୍ଦ ଦାଶଙ୍କ ପୌରହିତ୍ୟ କରିଥିଲେ । ମନ୍ତ୍ରୀ ପାଣିଗ୍ରାହୀ ଉକ୍ତ କାର୍ଡକୁ ଜିବନ ରକ୍ଷାକାରୀ କବଚ ବୋଲି କହିବା ସହ ଏହାର ବ୍ୟବହାର ସମ୍ପର୍କରେ ହିତାଧିକାରୀଙ୍କୁ ବୁଝାଇଥିଲେ । ସମତି ସଭ୍ୟ ଅଭିମନ୍ୟୁ ଶିଅଳ, ତହସିଲଦାର ମହେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ସମିତି ସଭ୍ୟ ରାମଚନ୍ଦ୍ର ବିଶ୍ୱାଳ, ପୁର୍ଣ୍ଣଚନ୍ଦ୍ର ଗିରି, ରମାକାନ୍ତ ମହାରଣା,ସୁଶାନ୍ତ ପାତ୍ର, ପୁର୍ଣ୍ଣଚନ୍ଦ୍ର ମିଶ୍ର, ଦେବେନ୍ଦ୍ର ନାୟକ, ମହେନ୍ଦ୍ର ରଥ, ଭାଗିରଥି ଦାଶ ତଥା କଣ୍ଟାପଡା ଓ ମହତୀପୁର ୟୁପି ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକ, ଆଶା ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ମନ୍ତ୍ରୀ ସାରକୋଣା,ସୁଣ୍ଡିରା-ଗଣ୍ଡିବେଡ, ନନ୍ଦୁର, ଜଳଦା, ଡାଲଙ୍ଗ, ଶ୍ୟମସୁନ୍ଦରପୁର, ଅଚ୍ୟୁତପୁର, ଡଗରପଡା, ଗୋବିନ୍ଦପୁର, ସାରୁଗାଁ ପଞ୍ଚାୟତରେ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିବା ବେଳେ ସଂପୃକ୍ତ ପଞ୍ଚାୟତ ଗୁଡିକର ନିର୍ବାହୀ ଅଧିକାରୀ,ବ୍ଲକ ପ୍ରଶାସନ ଏଥିରେ ସହଯୋଗ କରିଥିଲେ ।

ଝଙ୍କିରିଆ ଗୁଳିକାଣ୍ଡ ମାମଲାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି

ବାଲେଶ୍ୱର,୧୨/୧୨ (ନି.ପ୍ର): ଝଙ୍କିରିଆ ଗୁଳିକାଣ୍ଡ ମାମଲାରେ ସଦର ଥାନା ପୁଲିସ ଆଜି ଆଉ ୨ଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ସାହାର୍ଦ୍ଦା ଅଞ୍ଚଳର ଚକ୍ରଧର ଦାସଙ୍କ ପୁଅ ଜୟରାମ ଦାସ ଓରଫ ଜୟି ଓରଫ ଜଳନ୍ଧର (୩୦) ଓ ଝଙ୍କିରିଆର ସନ୍ତୋଷ ଦାସଙ୍କ ପଅ ନିରଞ୍ଜନ ଦାସ ଓରଫ କଟିଛୁଆ (୩୫) । ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଓ ୭.୬୫ ଏମଏମର ୩ ଗୋଟି ଜୀବନ୍ତ ଗୁଳି ପୁଲିସ ଜବତ କରିଛି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି । ଏହି ମାମଲାରେ ଅନ୍ୟ ୩ ଅଭିଯୁକ୍ତ ସାହାର୍ଦ୍ଦା ଅଞ୍ଚଳର ନିରଞ୍ଜକଜନ ଦାସଙ୍କ ପୁଅ ଅଶୋକ ଦାସ ଓରଫ ବୁଢ଼ା (୨୨) ଓ ଅକ୍ଷୟ ଦାସଙ୍କ ପୁଅ ବାଇଧର ଦାସ ଓରଫ ବାଜୁ (୨୪) ଏବଂ ଝଙ୍କିରିଆର ଦାମୋଦର ଜେନାଙ୍କ ପୁଅ ରଣଜିତ କୁମାର ଜେନା ଓରଫ ପିଣ୍ଟୁ (୨୫)ଙ୍କୁ ଗତକାଲି ପୁଲିସ ଗିରଫ କରିଥିଲା । ଗୁଳିକାଣ୍ଡରେ ଆହତ ଝଙ୍କିରିଆର ସ୍ୱର୍ଗତ ଦୈତାରୀ ନାୟକଙ୍କ ପୁଅ ପ୍ରିୟକାନ୍ତ ନାୟକ ଓଫ ଫକୀରଙ୍କ ମାଆ ମାଳତି ନାୟକଙ୍କ ଏତଲା କ୍ରମେ ପୁଲିସ ୩୮୫/୧୧.୧୨.୨୧ ନଂର ମାମଲା ରୁଜୁ ସହ ଅନୁସନ୍ଧାନ ଜାରି ରଖିଥିଲା । ଏହି ମାମଲାରେ ମୋଟ ୫ଜଣଙ୍କୁ ଗିରଫ ସହ ପୁଲିସ କୋର୍ଟ ଚାଲାଣ କରିଛି । ଏସଡିପିଓ ଶ୍ରୀ ତ୍ରିପାଠୀଙ୍କ କହିବା ଅନୁସାରେ ଗତ ୯ ତାରିଖ ବିଳମ୍ବିତ ରାତିରେ ଝଙ୍କିରିଆ ଛକ ନିକଟ ଏକ ପୋଲ ଉପରେ ସମସ୍ତେ ମଦ୍ୟପାନ କରୁଥିଲେ । ଏହି ଅବସରରେ ପୂର୍ବ ଶତ୍ରୁତାରୁ କୌଣସି ପ୍ରସଙ୍ଗକୁ ନେଇ ପରସ୍ପର ମଧ୍ୟରେ ଯୁକ୍ତିତର୍କ ହେବା ସହ ଜୟୀ ଉତକ୍ଷିପ୍ତ ହୋଇ ନିଜ ପାଖରେ ରଖିଥିବା ବନ୍ଧୁକରୁ ପ୍ରିୟକାନ୍ତକୁ ଗୁଳି ମାରିଥିଲା । ଗୁଳିଟି ପ୍ରିୟକାନ୍ତର ଛାତିରେ ବାଜିବା ପରେ ସେ ତଳେ ପଡ଼ି ସାହାଯ୍ୟ ପାଇଁ ଚିତ୍କାର କରୁଥିବା ବେଳେ ଅନ୍ୟମାନେ ସେଠାରୁ ପଳାଇ ଯାଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ପ୍ରିୟକାନ୍ତଙ୍କୁ ଉଦ୍ଧାର ସହ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ । ଏବେ ବି ପ୍ରିୟକାନ୍ତଙ୍କ ଅବସ୍ଥା ସଂକଟାପନ୍ନ ଥିବା ପୁଲିସ ପ୍ରକାଶ କରିଛି । ଆଜିର ଏହି ସାମ୍ବାଦିକ ସମ୍ମଳନୀରେ ଏସଡିପିଓ ଶ୍ରୀ ତ୍ରିପାଠୀଙ୍କ ସମେତ ସଦର ଥାନା ଅଧିକାରୀ ଅଶୋକ ନାୟକ ଉପସ୍ଥିତ ଥିଲେ ।

ବ୍ୟବସାୟୀଙ୍କ ଆକସ୍ମିକ ମୃତ୍ୟୁ, ଗଣ୍ଡିବେଡ ବଜାର ବନ୍ଦ

ଖଇରା, ୧୨/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ବଜାରର ପାନ ଦୋକାନୀ ବୈକୁଣ୍ଠ ମହାରଣା ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ହୃଦରୋଗରେ ପ୍ରାଣ ହରାଇଛନ୍ତି । ଏଥିଯୋଗୁଁ ଗଣ୍ଡିବେଡ ବଜାରର ସମସ୍ତ ବ୍ୟବସାୟୀ ଅପରାହ୍ନ ୨ଟାରୁ ବଜାର ବନ୍ଦ ରଖିଥିଲେ । ପରେ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବଣିକ ସଂଘର ସଭାପତି ଇଂ ରାଜେଶ ମହାକୁଡଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ସ୍ମୃତି ସଭାରେ ସମ୍ପାଦକ ଅଭିମନ୍ୟୁ ରାଉଳ,ଉପସଭାପତି ପୁରସ୍ତମ ମହାନ୍ତି, ସହସମ୍ପାଦକ ରମାକାନ୍ତ ରାଉଳ,ପ୍ରତାପ ଗିରି ପ୍ରମୁଖ ଯୋଗ ଦେଇ ଡଗଲ ଭାଇ ନାମରେ ପରିଚିତ ସ୍ୱର୍ଗତ ମହାରଣାଙ୍କ ବିଭିନ୍ନଗୁଣ ଉପରେ ଆଲୋକପାତ କରିଥିଲେ ।

ସ୍ୱର୍ଗତଃ ନିତ୍ୟାନନ୍ଦ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା

ବାରିପଦା, ୧୨/୧୨ (ନି.ପ୍ର): ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଂଜ ଜିଲ୍ଲା ଶାଖା ପକ୍ଷରୁ ସ୍ୱର୍ଗତଃ ନିତ୍ୟାନନ୍ଦ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିରଣ ସଭା ମହାସଭାର ସ୍ଥାୟୀ ସଭାପତି ଡା.ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମହାସଭାର ସାଧାରଣ ସମ୍ପାଦକ ତଥା ତାଙ୍କର ଏକମାତ୍ର ପୁତ୍ର ବିଶିଷ୍ଟ ସାହିତ୍ୟିକ ଓ "ପ୍ରତିଶ୍ରୁତି"ର ସମ୍ପାଦକ ଭାଗବତ ପଣ୍ଡା ସ୍ୱର୍ଗତଃ ପିତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଭକ୍ତିନିବେଦନ ପୂର୍ବକ ତାଙ୍କର ଜୀବନାଦର୍ଶ ସମ୍ପର୍କରେ ପ୍ରାଗ୍‌ଭାଷ ପ୍ରଦାନ କରିଥିଲେ । ସଭାପତି ଡା. ଦାଶ ସ୍ମୃତି ରଣ ପୂର୍ବକ ଦିବଙ୍ଗତ ପଣ୍ଡା ଜଣେ ସଦାରୀ, ନୀତିନିଷ୍ଠ, ଆଦର୍ଶକର୍ମକାଣ୍ଡ ବିତ୍, ସରଳ, ମେଳାପୀ, ବନ୍ଧୁବତ୍ସଳ ତଥା ଅତିଥିପରାୟଣ ବ୍ୟକ୍ତିତ୍ୱ ଥିଲେ ବୋଲି ଭାବବିହ୍ୱଳିତ କଣ୍ଠରେ ପ୍ରକାଶ କରିଥିଲେ । ଏହି ସଭାରେ ମହା ସଭାର କାର୍ଯ୍ୟକାରୀ ସଭାପତି ପଣ୍ଡିତ ସୁଦର୍ଶନ ଦ୍ୱିବେଦୀ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତଃ ପଣ୍ଡା ତାଙ୍କର ନିର୍ଲୋଭ ପରାୟଣତା ପାଇଁ ଯଜମାନ ମାନଙ୍କର ଅତ୍ୟନ୍ତ ପ୍ରିୟ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର ସ୍ମୃତିରଣ ପୂର୍ବକ ବ୍ରାହ୍ମଣ ମହା ସଭାପତି ସ୍ୱର୍ଗତଃ ପଣ୍ଡାଙ୍କର ପ୍ରଗାଢ ଅନୁରକ୍ତି ଥିଲା ବୋଲି କହିବା ସହିତ ସେ ବ୍ରାହ୍ମଣ ସମାଜପାଇଁ ଜଣେ ଆଦର୍ଶ ସ୍ଥାନୀୟ ବ୍ୟକ୍ତିତ୍ୱ ବୋଲି ଅଭିହିତ କରି ଶ୍ରଦ୍ଧା ନିବେଦନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦୀପ କୁମାର ପଣ୍ଡା, ରତ୍ନାକର ପଣ୍ଡା, ଜୟନ୍ତ ତ୍ରିପାଠୀ, ନରୋତମ ପାଣିଗ୍ରାହୀ, ଭଗବତୀ ଦାଶ, ଡା.ଜଗନ୍ନାଥ ମିଶ୍ର ପ୍ରମୁଖ ତାଙ୍କର ସ୍ମୃତି ରଣ କରିଥିଲେ । ପରିଶେଷରେ ସ୍ୱର୍ଗତଃ ପଣ୍ଡାଙ୍କର ପୁତ୍ରବଧୁ ଚନ୍ଦ୍ରମଣି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ନେସ୍କୋ ପାୱାର ଏମ୍ପ୍ଲୋୟିଜ୍ ୟୁନିଅନର ବୈଠକ

କର୍ମଚାରୀଙ୍କ ସ୍ୱାର୍ଥ ଲାଗି ଲଢି ଆସୁଛି ସଂଗଠନ : ଆଗାମୀ ଦିନ ହେବ ସୁଖମୟ

ଜଳେଶ୍ୱର, ୧୨/୧୨(ନିପ୍ର): ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ଲାଗି ନେସ୍କୋ ପାୱାର ଏମ୍ପ୍ଲୋୟିଜ୍ ୟୁନିଅନର ଲଢି ଆସୁଥିବା ବେଳେ ଏବେ ଟାଟା ପାୱାର କମ୍ପାନୀ ସମୟରେ ମଧ୍ୟ ସମସ୍ତ କର୍ମଚାରୀଙ୍କୁ ନ୍ୟାୟ ଦିଆଯାଇ ପାରିବ ବୋଲି ଆଜି ଆୟୋଜିତ ସଭାରେ ସାଧାରଣ ସଂପାଦକ ତାରାକାନ୍ତ ପଟ୍ଟନାୟକ କହିଛନ୍ତି । ଏକତା ଓ ସଂହତି ବଳରେ ସଂଗଠନ ସମସ୍ତ ରାଜ୍ୟରେ ଶ୍ରେଷ୍ଠ ହୋଇ ପାରିଥିବା ବେଳେ ଏବେ ମଧ୍ୟ ସେହିସ୍ଥାନ ବଜ